بِسْمِ اللّٰهِ الرَّحْمٰنِ الرَّحِيْمِ  نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ  وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 7

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା 4-5

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

27 ଜାନୁୟାରୀ, 03 ଫେବୃୟାରୀ 2022 27 ଫତହ୍, 03 ତବ୍ଲିଗ୍ 1401 ହି.ଶ 23 ଜମାଦିଲ୍ ସାନି, 01 ରଜବ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَاِنْ يَّمْسَسْكَ اللّٰهُ بِضُرٍّ فَلَا كَاشِفَ لَهٗٓ اِلَّا هُوَ ؕ وَاِنْ يَّمْسَسْكَ بِخَيْرٍ فَهُوَ عَلٰى كُلِّ شَيْءٍ قَدِيْرٌ ○ (سورۃ الانعام:18)

ଅନୁବାଦ- ଏବଂ ଯଦି ଅଲ୍ଲାଃ ତୁମ୍ଭଙ୍କୁ କୌଣସି କଷ୍ଟ ଦିଅନ୍ତି, ତେବେ ତାହାଙ୍କ ବ୍ୟତୀତ ଅନ୍ୟ କେହି ତାହାକୁ ଦୂର କରି ପାରିବନାହିଁ, ଏବଂ ଯଦି ସେ ତୁମ୍ଭଙ୍କୁ କୌଣସି କଲ୍ୟାଣ ପ୍ରଦାନ କରନ୍ତି ତେବେ ସେ ପ୍ରତ୍ୟେକ ବିଷୟ କରିବାକୁ ସକ୍ଷମ ।

*(ସୁରଃ- ଅଲ୍‌ଅନାମ୍:୧୮)*

## ଅହ୍ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ୟୈଯଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥**

**ଇସ୍‌ଲାମ୍ ଦ୍ୱାରା ଉପସ୍ଥାପିତ ଏକେଶ୍ୱରବାଦର ଧାରଣା ହେଉଛି ସାର୍ବଜନୀନ ଏବଂ ଇସ୍‌ଲାମ୍‌ର ଏ ଦାବି ଯେ ଏହି ଶିକ୍ଷା ହେଉଛି ଈଶ୍ୱରଙ୍କର ପ୍ରକୃତ ଶିକ୍ଷା କାରଣ ମଣିଷର ପ୍ରକୃତି ଓ ସ୍ୱଭାବରେ ଏକେଶ୍ୱରବାଦ ନିହିତ ରହିଛି ଓ ପ୍ରାକୃତିକ ପରିବେଶ ମଧ୍ୟ ଏ ସଂକ୍ରାନ୍ତରେ ସାକ୍ଷ୍ୟ ଦେଉଅଛି । ଈଶ୍ୱର ନିଜର ସୃଷ୍ଟିକୁ ସ୍ୱତନ୍ତ୍ର ଭାବରେ ପୃଥକ ପୃଥକ କରି ରଖିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ ସମସ୍ତଙ୍କୁ ସେ ଗୋଟିଏ ଏକକ କେନ୍ଦ୍ର ଆଡ଼କୁ ଟାଣି ରଖିଛି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପ୍ରତିଶୃତି ମସିହ ଅର୍ଥାତ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଉଦ୍ଦେଶ୍ୟ ହେଉଛି ଜୀବନ୍ତ ଈଶ୍ୱରଙ୍କ ଉପରେ ଜୀବନ୍ତ ବିଶ୍ୱାସ ଉତ୍ପନ୍ନ କରିବା

ବଟାଲାର ତହ୍‌ସିଲ୍‌ଦାର୍ ଲାଲା କେଶୁଦାସ ସାହେବ୍ ସଂଯୋଗବସତଃ କୌଣସି କାମରେ କାଦିଆନ୍ ଆସିଥିଲେ । ତେଣୁ ସେ ଏହି ଅବସରରୁ ଲାଭ ଉଠାଇ ପ୍ରତିଶୃତ ମସିହଙ୍କୁ ସାକ୍ଷାତ କରିବାକୁ ଚାହିଁଲେ । ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ସ:ଆ:ସ କହିଲେ ଏଥିରେ କୌଣସି ସନ୍ଦେହ ନାହିଁ । କାରଣ ଯଦି ଆପଣଙ୍କର ପୂର୍ଣ୍ଣ ନଥାନ୍ତା ତା'ହେଲେ ଆପଣ ମତେ ଦେଖା କରିବାକୁ କାହିଁକି ଆସିଥାନ୍ତେ ? ଜଣେ ସାଂସାରିକ ବ୍ୟକ୍ତି ଦୁନିଆର ଏକ କୋଣରେ ଏକାକୀ ବସିଥିବା ଲୋକ ସହିତ କାହିଁକି ବା ସାକ୍ଷାତ କରିବାକୁ ବ୍ୟଗ୍ର ହେବ ? ଏଥିରେ ନିଶ୍ଚିତ ରୂପେ ଏକ ପ୍ରକାରର ପ୍ରାକୃତିକ ସ୍ନେହ ନିହିତ ଅଛି ।

ବାସ୍ତବିକ କଥା ହେଉଛି ଏହା କି ମଣିଷ ହେଉଛି ଏକ ମରଣଶୀଳ ପ୍ରାଣୀ । ତା ଜୀବନରେ ମୃତ୍ୟୁ ଆସି କେତେବେଳେ ଉପସ୍ଥିତ ହୋଇଯିବ ତାହା କେହି ବି କହିପାରିବେ ନାହିଁ । ଯେହେତୁ ଜୀବନ କ୍ଷଣସ୍ଥାୟୀ ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ସେ ନିଜର ସଂସ୍କାର ଓ ବିକାଶ ନିମନ୍ତେ କ୍ରମାଗତ ଭାବରେ କେତେ ତତ୍ପର ହେବା କଥା । ତଥାପି ବି ମୁଁ ଏ ଦୁନିଆରେ ଲୋକମାନଙ୍କୁ ଦେଖୁଛି ଯେ ସେମାନେ ନିଜର ପାର୍ଥିବ ସଂସାରରେ ଏତେମାତ୍ରାରେ ଜଡ଼ିତ ଓ ବ୍ୟସ୍ତ ରହିଛନ୍ତି ଯେ ପରକାଳ ପାଇଁ ଟିକିଏ ବି ଚିନ୍ତିତ ନାହାନ୍ତି ଓ ସେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତି ଏତେମାତ୍ରାରେ ଉଦାସୀନ ହୋଇପଡ଼ିଛନ୍ତି ଯେ ଯେମିତି ବୋଧ ହୁଏ ଈଶ୍ୱରଙ୍କର କୌଣସି ଅସ୍ତିତ୍ୱ ହିଁ ନାହିଁ ଓ ସେ ଏ ସଂସାରରେ ବିଦ୍ୟମାନ ନାହାନ୍ତି । ଏହିପରି ପରିସ୍ଥିତିରେ, ଯେତେବେଳେ ଦୁନିଆର ଅବସ୍ଥା ଈଶ୍ୱରଙ୍କ ବିଶ୍ୱାସ କରିବାରେ ଏତେ ଦୃବଳ ହୋଇଯାଇଛି, ସେତେବେଳେ ସେହି ସର୍ବୋଚ୍ଚ ଅଲ୍ଲାଃ ମତେ ନିଯୁକ୍ତ କରିଛନ୍ତି ଓ ପ୍ରେରଣ କରିଛନ୍ତି ଯଦ୍ୱାରା ମୁଁ ସେମାନଙ୍କୁ ଏପରି ରାସ୍ତା ଦେଖାଇ ଦେବି, ଯାହା ଏକ ଜୀବନ୍ତ ଈଶ୍ୱର ଉପରେ ଜୀବନ୍ତ ବିଶ୍ୱାସ ସୃଷ୍ଟି କରିଦେବ ।

ଈଶ୍ୱରଙ୍କର ଏକ ସାଧାରଣ ନିୟମ ଅନୁସାରେ ଅନେକ ଲୋକ, ଯେଉଁମାନେ ଉତମ ସ୍ୱଭାବ ରହିତ, ଈଶ୍ୱରଙ୍କୁ ଭୟ କରନ୍ତି ନାହିଁ ଏବଂ ନ୍ୟାୟ ଭାବନାରୁ ବଂଚିତ, ସେମାନେ ମତେ ମିଥ୍ୟାବାଦୀ ଭାବରେ ଘୋଷଣା କରୁଛନ୍ତି ଓ ମତେ ମିଥ୍ୟାଚାରୀ ବୋଲି କହୁଛନ୍ତି । ମତେ ଦୁଃଖ ଓ କଷ୍ଟ ପହଂଚାଇବାରେ କୌଣସି ପ୍ରକାର ସୁଯୋଗକୁ ହାତ ଛଡ଼ା କରିନାହାନ୍ତି । ସେମାନେ ମୋ ବିରୁଦ୍ଧରେ ଅବିଶ୍ୱାସର ଫତ୍‌ୱା ଜାରି କରିଛନ୍ତି ଯଦ୍ୱାରା ମୁସଲମାନମାନେ ମୋ ସମ୍ବନ୍ଧରେ ଖରାପ ମନୋଭାବ ପୋଷଣ କରିବେ । ସେହିପରି ସେମାନେ ସରକାରୀ କର୍ତ୍ତୃପକ୍ଷଙ୍କୁ ମୋ ବିପକ୍ଷରେ ଉତେଜିତ କରିବା ପାଇଁ ମିଥ୍ୟା ରିପୋର୍ଟ ପେଶ୍ କରିଛନ୍ତି ଓ ମିଥ୍ୟା ମୋକଦ୍ଦମା ଦାଏର୍ କରିଛନ୍ତି ଏବଂ ମୋ ବିରୁଦ୍ଧରେ ଅଭିଶାପ ପ୍ରେରଣ କରି ମତେ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି । ସଂକ୍ଷେପରେ ଏତିକି କହିବି ଯେ ସେମାନେ କ'ଣ ନ କରିଛନ୍ତି ? କିନ୍ତୁ ମୋ ପରମେଶ୍ୱର ସର୍ବଦା ମୋ ସମର୍ଥନରେ ମୋ ନିକଟରେ ଛିଡ଼ା ହୋଇଛନ୍ତି । ସେ ମତେ ସେମାନଙ୍କ ବିଷୟରେ ଆଗୁଆ ସୁଚନା ଦେଇଥିଲେ । ସେମାନଙ୍କ ପ୍ରତ୍ୟେକ ଯୋଜନା ଓ ଷଡ଼ଯନ୍ତ୍ରର ପରିଣାମ ବିଷୟରେ ପୂର୍ବରୁ ମତେ ଅବଗତ କରାଇଥିଲେ । ପରିଶେଷରେ ସବୁ କିଛି ମୋ ଈଶ୍ୱର ମତେ ବହୁ ପୂର୍ବରୁ ଯେଉଁ ଭଳି ସୁଚନା ଦେଇଥିଲେ ଠିକ୍ ସେହିପରି ହିଁ ଘଟିଲା ।

ସେ ଯାହା ହେଉ ନା କାହିଁକି ଏମିତି ବି ଲୋକ ଅଛନ୍ତି ଯେଉଁମାନେ ଅତ୍ୟନ୍ତ ଉତମ ସ୍ୱଭାବ ରଖିଛନ୍ତି । ଈଶ୍ୱରଙ୍କ ବିଶ୍ୱାସର ଆଲୋକରେ ସେମାନେ ଆର୍ଶୀବାଦ ପ୍ରାପ୍ତ ହୋଇଛନ୍ତି । ସେମାନେ ମତେ ଚିହ୍ନିଲେ ଓ ମୋ ଚାରିପଟେ ସେହି ଆଲୋକରୁ ଭାଗ ପାଇବା ପାଇଁ ଜମା ହେଲେ ଯାହା ମତେ ଈଶ୍ୱର ନିଜର ଅନୁଗ୍ରହ ଦ୍ୱାରା ଐଶିଜ୍ଞାନ ପ୍ରଦାନ କରି ବିମଣ୍ଡିତ କରିଛନ୍ତି । ସେହି ଲୋକମାନଙ୍କ ମଧ୍ୟରେ ବିଶିଷ୍ଟ ଜ୍ଞାନୀ ଓ ପଣ୍ଡିତମାନେ ଅନ୍ତର୍ଭୁକ୍ତ ଅଛନ୍ତି । ଉଦାହରଣ ସ୍ୱରୁପ ସ୍ନାତକ, ଆଇନଜୀବୀ, ଡ଼ାକ୍ତର, ମାନ୍ୟବର ସରକାରୀ କର୍ମଚାରୀଗଣ, ବଣିକ, ଜମିଦାର ଏବଂ ସାଧାରଣ ଲୋକ ବି ସେମାନଙ୍କ ମଧ୍ୟରେ ଅଛନ୍ତି ।

ଏହା ବଡ଼ ଦୁର୍ଭାଗ୍ୟଜନକ ଯେ ଆମ ଅଯୋଗ୍ୟ ବିରୋଧିମାନେ ନିଜକୁ (ସେମାନଙ୍କ) ମଧ୍ୟରେ ପରିଗଣିତ କରିପାରିଲେ ନାହିଁ କିନ୍ତୁ ଅନ୍ତତଃ ପକ୍ଷେ ମୋ ଦ୍ୱାରା ଉପସ୍ଥାପିତ ସତ୍ୟକୁ ଶାନ୍ତିର ସହିତ ଶୁଣନ୍ତେ କି । କାରଣ ସେମାନେ ଏହିପରି

## ନବୀ ସ:ଆ:ସଙ୍କ ବାଣୀ

### ସଫା ଓ ମର୍‌ୱ୍ୱା (ପାହାଡ଼) ମଧ୍ୟରେ ଦଉଡ଼ିବା

(୧୬୪୭) ଇବ୍‌ନେ ଜରିହ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ: ଅମ୍‌ରୋ ବିନ୍ ଦିନାର୍ ମତେ ବତାଇ କହିଲେ ଯେ ମୁଁ ହଜରତ ଇବ୍‌ନେ ଉମର୍ ର:ଅଙ୍କଠାରୁ ଏହା କହିବାର ଶୁଣିଛି ଯେ ସେ କହୁଥିଲେ: ନବୀ କରିମ୍ ସ:ଆ:ସ ମକ୍କା ଆସିଲେ ଓ ବୟତୁଲ୍ଲାଃ (ଅର୍ଥାତ: ଖାନାକାବା) ର ତୱ୍ୱାଫ୍ (ପରିକ୍ରମର) କଲେ ପୁଣି ଦୁଇ ରେକାତ୍ ନମାଜ ପଢ଼ିଲେ ପୁଣି ସଫା ଓ ମର୍‌ୱ୍ୱା ମଧ୍ୟରେ ଦଉଡ଼ିଲେ । ପୁଣି (ହଜରତ ଅବ୍‌ଦୁଲ୍ଲାଃ ର:ଅ) ଏହି ଆୟତ ପଢ଼ିଲେ: **ଲକଦ୍ କାନା ଲକୁମ୍ ଫି ରସୁଲିଲ୍ଲାହି ଉସ୍‌ୱ୍ୱତୁନ୍ ହସନାଃ ।**

(୧୬୪୮) ଅହ୍‌ମଦ୍ ବିନ୍ ମୁହମ୍ମଦ୍ (ମରୁଜି) ଆମକୁ ବର୍ଣ୍ଣନା କରି କହିଲେ ଯେ ଅବ୍‌ଦୁଲ୍ଲାଃ (ବିନ୍ ମୁବାରକ୍) ଆମକୁ ବତାଇଛନ୍ତି । (ସେ କହିଲେ:) ଆସିମ୍ (ଅହ୍‌ୱ୍ୱାଲ୍) ଆମକୁ କହିଲେ: ମୁଁ ହଜରତ୍ ଅନସ୍ ବିନ୍ ମାଲିକ୍ ର:ଅଙ୍କୁ ପଚାରିଲି: କଣ ଆପଣ ସଫା ଓ ମର୍‌ୱ୍ୱାର ମଧ୍ୟ ଭାଗରେ ଦଉଡ଼ିବାକୁ ଖରାପ ମଣୁଥିଲେ ? ସେ କହିଲେ ହଁ । କାରଣ ଏହା ଜାହିଲିୟତ୍ (ଅର୍ଥାତ ଇସ୍‌ଲାମ୍‌ର ପୂର୍ବବତୀ ସମୟର ଗୋଟିଏ ପ୍ରଥା) ଥିଲା । ପୁଣି ଅଲ୍ଲାଃ ତାଲା ଯେତେବେଳେ ଏହି ଆୟତ ଅବତୀର୍ଣ୍ଣ କଲେ ଯେ ସଫା ଏବଂ ମର୍‌ୱ୍ୱା (ଉଭୟ) ହେଉଛନ୍ତି ଅଲ୍ଲାଃ ତାଲାଙ୍କର ଚିହ୍ନମାନଙ୍କ ମଧ୍ୟରୁ ଏକ ଚିହ୍ନ ତେଣୁ ଯିଏ ବି ବୟତୁଲ୍ଲାଃର ହଜ୍ ତଥା ଉମ୍‌ରାଃ କରିବ ଏହି ଦୁଇଟିର ପରିକ୍ରମଣ କରିବାରେ ତା'ର କୌଣସି ପାପ ହେବନାହିଁ ।

ହଜରତ ସୟଦ୍ ଜୈନୁଲ୍ ଆବେଦିନ୍ ୱ୍ୱଲିଅଲ୍ଲାଃ ଶାହ୍ ସାହେବ୍ ର:ଅ କହୁଛନ୍ତି:- ହଦିସ୍ ନଂ-୧୬୪୭ର ଶେଷରେ ପବିତ୍ର କୁର୍‌ଆନ୍‌ର ଯେଉଁ ବାକ୍ୟ ଅର୍ଥାତ **ଲକଦ୍ କାନା ଲକୁମ୍ ଫି ରସୁଲିଲ୍ଲାହେ ହସନାଃ (ସୁରଃ ଅଲ୍‌ଅହ୍‌ଜାବ୍:୨୨)** ଆସିଛି ତାହା ପ୍ରତି ଧ୍ୟାନ ଯୋଗ୍ୟ । ସାହାବାଗଣ ଆଁ ହଜରତ ସ:ଆ:ସଙ୍କ କଥନ ଓ କର୍ମକୁ ଅନୁସରଣ ଯୋଗ୍ୟ ବିବେଚନା କରୁଥିଲେ ଓ ଏ ବିଶ୍ୱାସ ରଖିଥିଲେ ଯେ ମହାଭାଗ ସ:ଆ:ସଙ୍କ ସମସ୍ତ ଗତିବିଧି ଈଶ୍ୱରୀୟ ଐଶିବାଣୀ ଅଧିନରେ ସମ୍ପାଦନ ହେଉଥିଲା ।

***(ସହି ବୁଖାରୀ, ଗ୍ରନ୍ଥ ଖଣ୍ଡ-୩, କିତାବୁଲ୍ ହଜ୍, ମୁଦ୍ରିତ ୨୦୦୮ କାଦିୟାନ୍)***

ଉଚ୍ଚ ନୈତିକତାର ଅଧିକାରୀ ନୁହନ୍ତି । ଅନ୍ୟଥା ସତ୍ୟ ପ୍ରତି ଅନୁରକ୍ତି ନିମ୍ନଲିଖିତ ସୁଗୁଣକୁ ଆବଶ୍ୟକ କରିଥାଏ ।

**ମର୍ଦ୍ ବାଏଦ୍ କେ ଗିରବ୍ ଅନନ୍ଦର ଗୋଶ୍**

**ଗର୍ ନୱିଶ୍ତ୍ ସତ୍ ପିନ୍ଦ୍ ବର୍ ଦିୱାର୍**

ଅର୍ଥାତ:- କାନ୍ଥରେ ଲେଖା ଯାଇଥିବା ପରାମର୍ଶକୁ ବି ଜଣେ ଲୋକକୁ ହେଜ କରିବା ଉଚିତ ।

## ସତ୍ୟଧର୍ମ ଏବଂ ଈଶ୍ୱରଙ୍କ ଏକେଶ୍ୱରବାଦ

ବର୍ତମାନ ଯୁଗରେ ଯେତେବେଳେ ଲୋକମାନେ "ଧର୍ମ" ଶବ୍ଦଟିକୁ ଶୁଣୁଛନ୍ତି, ବହୁତ ଘୃଣା ପ୍ରକାଶ କରୁଛନ୍ତି ଏବଂ ସତ୍ୟ ଧର୍ମକୁ ଗ୍ରହଣ କରିବା ସେମାନଙ୍କ ପକ୍ଷେ ଏପରି, ଯେପରି ମୃତ୍ୟୁର ପଞ୍ଝା ଭିତରେ ପ୍ରବେଶ କରିବା । ସତ୍ୟ ଧର୍ମ ହେଉଛି ତାହା ଯେଉଁଥିରେ "ଲୁକ୍କାୟିତ ନିୟମ" ଗୁଡ଼ିକ ସାକ୍ଷ୍ୟ ଦେଇଥାନ୍ତି । ଉଦାହରଣ ସ୍ୱରୁପ ଇସ୍‌ଲାମ୍ ଦ୍ୱାରା ଉପସ୍ଥାପିତ ଏକେଶ୍ୱରବାଦର ଧାରଣା ହେଉଛି ସାର୍ବଜନୀନ ଏବଂ ଇସ୍‌ଲାମ୍‌ର ଏ ଦାବି ଯେ ଏହି ଶିକ୍ଷା ହେଉଛି ଈଶ୍ୱରଙ୍କର ପ୍ରକୃତ ଶିକ୍ଷା କାରଣ ମଣିଷର ପ୍ରକୃତି ଓ ସ୍ୱଭାବରେ ଏକେଶ୍ୱରବାଦ ନିହିତ ରହିଛି ଓ ପ୍ରାକୃତିକ ପରିବେଶ ମଧ୍ୟ ଏ ସଂକ୍ରାନ୍ତରେ ସାକ୍ଷ୍ୟ ଦେଉଅଛି । ଈଶ୍ୱର ନିଜର ସୃଷ୍ଟିକୁ ସ୍ୱତନ୍ତ୍ର ଭାବରେ ପୃଥକ ପୃଥକ କରି ରଖିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ ସମସ୍ତଙ୍କୁ ସେ ଗୋଟିଏ ଏକକ କେନ୍ଦ୍ର ଆଡ଼କୁ ଟାଣି ରଖିଛି । ଯାହା ଏକଥା ଦର୍ଶାଇଛି ଯେ ସେଥିରେ ସର୍ବଦା ଏକକ ହିଁ ଉଦ୍ଦିଷ୍ଟ ଥିଲା । ଯଦି ଜଣେ ଗୋଟିଏ ବୁନ୍ଦା ପାଣି ବି ଛାଡ଼ିବ ସେ ଦେଖିବ ଯେ ତାହା ହେଉଛି ଗୋଲାକାର । ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ସମସ୍ତ ଅଲୌକିକ ବସ୍ତୁ ସମସ୍ତେ ଗୋଲାକାର ଓ ସେ ସବୁ ଗୋଲାକାରର ରୂପକୁ ଆବଶ୍ୟକ କରିଥାନ୍ତି । ***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ- ୨୯୯-୩୦୦ ମୁଦ୍ରିତ ୨୦୧୮, କାଦିୟାନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ଅବୁ ବକର୍ ର:ଅ ଆସି କହିଲେ ଯେ ତୁମେମାନେ ଏହି ବ୍ୟକ୍ତିକୁ କେଉଁ ପର୍ଯ୍ୟନ୍ତ ଦୁଃଖ ଓ କଷଣ ଦେଇ ଚାଲୁଥିବ । ରାୱି କୁହନ୍ତି ହଜରତ ଅବୁ ବକର୍ ର:ଅ ହଜରତ ବିଲାଲ୍ ର:ଅଙ୍କୁ ସାତ ଅଓକିୟା ବିନିମୟରେ କିଣି ନେଲେ ଓ ତାଙ୍କୁ ସ୍ୱାଧିନ କରିଦେଲେ । ଚାଳିଶି ଦିର୍‌ହମ୍‌କୁ ଏକ ଅଓକିୟା କୁହାଯାଏ । ଏହିପରି ତାଙ୍କୁ ହଜରତ ଅବୁ ବକର୍ ର:ଅ ୨୮୦ ଦିର୍‌ହମ୍ ବିନିମୟରେ କିଣିନେଲେ । ପୁଣି ଏ ଘଟଣା ରସୁଲୁଲ୍ଲାଃ ସ:ଆ:ସଙ୍କୁ ଜଣାଇଲେ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ହେ ଅବୁ ବକର୍! ମତେ ମଧ୍ୟ ତୁମେ ଏହି (ପୂଣ୍ୟ କାର୍ଯ୍ୟ)ରେ ସାମିଲ୍ କରିନିଅ । ହଜରତ ଅବୁ ବକର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ମୁଁ ତାଙ୍କୁ ସ୍ୱାଧିନ/ମୁକ୍ତ କରି ଦେଇଛି । ***(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୧୭୫........ ବେରୁତ ୨୦୧୨)*** ହଜରତ ଯିନିରାଃ[ର.ଅ] ରୋମି ମୁସଲମାନମାନଙ୍କ ମଧ୍ୟରେ ପୁଣ୍ୟ ଅର୍ଜନ କରିବାରେ ବେଶ୍ ଆଗକୁ ବଢ଼ି ଯାଇଥିଲେ । ଯେତେବେଳେ ସେ ଇସଲାମ ଧର୍ମ ଗ୍ରହଣ କଲେ ତାଙ୍କର ଦୃଷ୍ଟି ଶକ୍ତି ଚାଲିଗଲା । ବସ୍ତୁତଃ ଅମାନ୍ୟକାରୀମାନେ କହିବା ଆରମ୍ଭ କଲେ, ଯେ ଲାତ୍ ଓ ଉଜ୍ଜା'ର ଅସମ୍ମାନ ଓ ବର୍ଜନ କରିବା ଯୋଗୁଁ ଯିନିରାଃଙ୍କର ଏହି ଦଶା ହେଲା । ଏଥିରେ ସେ ଅମାନ୍ୟକାରୀଙ୍କୁ ଉତର ଦେଲେ ଲାତ୍ ଓ ଉଜ୍ଜା ମୋତେ କ'ଣ ବା ଅନ୍ଧ କରିଥାନ୍ତେ, ସେମାନେ ତ ସ୍ୱୟଂ ଅନ୍ଧ । ଏହା ତ ବିଧିର ବିଧାନ, ଅଲ୍ଲାଃତାଲା ମୋତେ ଅନ୍ଧ କରିଛନ୍ତି ଏବଂ ସେ ମୋର ଦୃଷ୍ଟି ଶକ୍ତି ଫେରସ୍ତ କରିବା ପାଇଁ ପୂର୍ଣ୍ଣ ସକ୍ଷମ । **ପରବର୍ତୀ ଦିନ ଯିନିରାଃ ଏଭଳି ଅବସ୍ଥାରେ ଶେଯରୁ ଉଠିଲେ, ଯେ ସେ ନିଜ ଦୃଷ୍ଟି ଶକ୍ତି ଫେରି ପାଇଥିଲେ ।** ଏଥିରେ କୁରୈଶ କହିବା ଆରମ୍ଭ କଲେ ଯେ ଏହା ତ ମୁହମ୍ମଦର ଜାଦୁ ଅଟେ । ଯେତେବେଳେ ହଜରତ ଅବୁବକର[ର.ଅ] ତାଙ୍କୁ ଅମାନ୍ୟକାରୀଙ୍କ ଅତ୍ୟାଚାରରେ କବଳିତ ଥିବାର ଦେଖିଲେ, ସଙ୍ଗେସଙ୍ଗେ ତାଙ୍କୁ ଖରିଦ୍ କରି ସ୍ୱାଧୀନ କରିଦେଲେ ।

ଶେଷରେ ପ୍ରିୟ ହଜୁର ଅନଓ୍ୱର ଅ:ବ:ଅ କହିଲେ; ହଜରତ ଅବୁବକର ର:ଅଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ ବର୍ଣ୍ଣନା ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସରିୟତ୍‌ର) ଅନୁମତି ବିନା ତାହାକୁ ହତ୍ୟା କରନାହିଁ; ଅଲ୍ଲାଃ ଏହି ବିଷୟରେ ତୁମମାନଙ୍କୁ ଚେତାବନୀ-ପୂର୍ବକ ଆଦେଶ ଦେଇଛନ୍ତି ଯେପରି ତୁମେମାନେ (କୁକାର୍ଯ୍ୟରୁ) ନିବୃତ ହେବ ।

ଏଥିରେ ମଫ୍‌ରୁକ୍ କହିଲେ ଯେ ଏହି ବାଣୀ ପୃଥିବୀବାସୀଙ୍କର ନୁହେଁ । ଯଦି ଏହା ତାଙ୍କର ବାଣୀ ହୋଇଥାନ୍ତା ତେବେ ଆମେ ନିଶ୍ଚିତରୂପେ ଏହା ଜାଣିପାରିଥାନ୍ତୁ । ତା'ପରେ ରସୁଲେ କରିମ୍ ସ:ଆ:ସ ନିମ୍ନଲିଖିତ ଆୟତ ଆବୃତି କଲେ: **ଇନ୍ନଲ୍ଲାହା ୟାମୁରୁ ବିଲ୍‌ଅଦ୍‌ଲି ୱଲ୍ ଏହ୍‌ସାନି ୱ ଇତାଇ ଜିଲ୍ କୁର୍‌ବା ୱ ୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗି ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍‌କରୁନ୍ (ନହଲ୍:୯୧)** ଅର୍ଥାତ:- ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା (ଅନ୍ୟର) ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ (ଅନ୍ୟମାନଙ୍କୁ ସାହାଯ୍ୟ) କରିବାକୁ ଆଦେଶ ଦେଉଛନ୍ତି; ଏବଂ (ପ୍ରତ୍ୟେକ ପ୍ରକାର) ନିର୍ଲଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରୁଛନ୍ତି; ସେ ତୁମମାନଙ୍କୁ (ଏଥି ନିମନ୍ତେ) ଉପଦେଶ ଦେଇଛନ୍ତି ଯଦ୍ୱାରା ତୁମେମାନେ ବୁଝିପାରିବ ।

ଏହି ବାଣୀ ଶୁଣିବା ପରେ ମଫରୁକ୍ କହିଲା ହେ କରୈଶ୍‌ର ଭାଇମାନେ! ଈଶ୍ୱରଙ୍କ ରାଣ ମହାଭାଗ ସ:ଆ:ସ ଉତମ ଚରିତ୍ର ଓ ଭଲ କାମ ଆଡ଼କୁ ଡ଼ାକିଛନ୍ତି । ନିଶ୍ଚିତ ରୂପେ ଯେଉଁ ଜାତି ମହାଭାଗ ସ:ଆ:ସଙ୍କୁ ମିଥ୍ୟା ଭାବରେ ଅଭିହିତ କରୁଛି ସେ ହେଉଛି ଭିଷଣ ମିଥ୍ୟାବାଦୀ ଏବଂ ସେ ମଧ୍ୟ ମିଥ୍ୟାବାଦୀ ଯିଏ ଆଁ ହଜରତ ସ:ଆ:ସଙ୍କୁ ବିରୋଧରେ ଅନ୍ୟକୁ ସାହାଯ୍ୟ କରୁଅଛି । ମୁସ୍‌ନା କହିଲେ ଆମେ ଆପଣ ସ:ଆ:ସଙ୍କ କଥା ଶୁଣିଲୁ । ହେ ଆମ କୁରୈଶ୍ ଭାଇମାନେ! ମହାଭାଗ ସ:ଆ:ସ ଉତମ କଥା କହିଛନ୍ତି । ଯାହା ସେ କହିଲେ ତାହା ମତେ ଆଶ୍ଚର୍ଯ୍ୟ ଚକିତ କରିଦେଉଛି । କିନ୍ତୁ କିସ୍‌ରା ସମ୍ରାଟ ସହିତ ଆମର ଏକ ଚୁକ୍ତିନାମା ରହିଛି ଯେ ନା ଆମେ କୌଣସି ନୂଆ କାମ କରିବୁ ଓ ନା କୌଣସି ନୂଆ କାମ କରିବା ଲୋକକୁ ଶରଣ ଦେବୁ । ବୋଧ ହୁଏ ମହାଭାଗ ସ:ଆ:ସ ଯେଉଁ କାର୍ଯ୍ୟ ଆଡ଼କୁ ଆମକୁ ଡ଼ାକୁଛନ୍ତି, ତାହା ସେହି କାର୍ଯ୍ୟ ମଧ୍ୟରୁ ଗୋଟିଏ କାର୍ଯ୍ୟ ଯାହାକୁ ସମ୍ରାଟ ପସନ୍ଦ କରିବେ ନାହିଁ । ଯଦି ଆପଣ ସ:ଆ:ସ ଏହା ଚାହୁଁଛନ୍ତି ଯେ ଆରବର ଆଖପାଖର ଲୋକମାନଙ୍କ ମୁକାବିଲାରେ ଆମେ ତୁମକୁ ସାହାଯ୍ୟ କରିବୁ ବୋଲି ଓ ଆପଣଙ୍କୁ ସୁରକ୍ଷା ଦେବୁ ବୋଲି, ତା'ହେଲେ ଆମେ ଏପରି କରିବୁ । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କୁ କହିଲେ: ତୁମ ଉତରରେ କିଛି ଖରାପ କଥା ନାହିଁ କାରଣ ତୁମେମାନେ ଖୋଲାଖୋଲି ରୂପେ ସ୍ପଷ୍ଟ ଭାବରେ ସତ୍ୟକୁ ପ୍ରକାଶ କରିଦେଉଛ ।

ଅଲ୍ଲାଃଙ୍କ ଧର୍ମ ଉପରେ ସେ ହିଁ ତିଷ୍ଠି ରହିପାରେ ଯାହାକୁ ଅଲ୍ଲାଃ ଚାରିଆଡୁ ଘେରି ରହିଥାଏ । ପୁଣି ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ହାତକୁ ଧରି ଉଠିଲେ ଓ ଚାଲିଗଲେ । ***(ମାରେଫ୍‌ତୁସ୍ ସାହାବା ଲେ ଅବି ନଇମ୍, ଖଣ୍ଡ-୪, ପୃ-୩୦୯-୩୧୦ ରିୱାୟତ୍ ନଂ- ୬୩୮୨.....ବେରୁତ ୨୦୦୨)***

ଆଉ ଏକ ରିୱାୟତ୍‌ରେ ଆସିଛି ଯେ ମହାଭାଗ ସ:ଆ:ସ କହିଲେ ଯେ ତୁମର କଣ ମତ ? ଯଦି ଅଳ୍ପ ଦିନ ମଧ୍ୟରେ ଅଲ୍ଲାଃ ତାଲା ତୁମମାନଙ୍କୁ କିସ୍‌ରା ସମ୍ରାଟ୍‌ର ଭୂଖଣ୍ଡ ଓ ଦେଶର ଉତରାଧିକାରୀ ବନାଇ ଦିଅନ୍ତି ? ସେମାନଙ୍କ ମହିଳାମାନେ ତୁମମାନଙ୍କ ଅଧିନକୁ ଆସିଯାଆନ୍ତି ? ତାହେଲେ କଣ ତୁମେମାନେ ଅଲ୍ଲାଃଙ୍କ ପବିତ୍ର ମହିମାକୁ ଗାନ କରିବ କି ? ଏହା ଶୁଣି ସେ କହିଲା ହେ ଅଲ୍ଲାଃ ! ଆମେ ଏଥିପାଇଁ ପ୍ରସ୍ତୁତ ଅଛୁ ଅର୍ଥାତ ସେମାନେ ରାଣ ଖାଇଲେ । ଅଲ୍ଲାଃଙ୍କର ଜଶ ଦେଖନ୍ତୁ ଯେ ଆଁ ହଜରତ ସ:ଆ:ସଙ୍କ ସେହି କଥା ଅକ୍ଷରେ ଅକ୍ଷରେ ପୂରଣ ହେଲା ଏବଂ ସେହି ମୁସନ୍ନା ଯିଏ ସେ ସମୟରେ କିସ୍‌ରାର ଶକ୍ତି ଯୋଗୁଁ ବହୁତ ଭୟଭୀତ ହୋଇଯାଇଥିଲା ଓ କିସ୍‌ରାର ଅପ୍ରସନ୍ନ ହୋଇଯିବାର ଆଶା ରଖି ଇସ୍‌ଲାମ୍ ଗ୍ରହଣ କରିବାକୁ ପଛଘୁଂଚା ଦେଉଥିଲା, ସେହି ମୁସ୍‌ନା କିଛି ସମୟ ପରେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଖିଲାଫତ୍ କାଳରେ କିସ୍‌ରା ସମ୍ରାଟ ସହିତ ଯୁଦ୍ଧ କରିବାକୁ ବାହାରିଥିବା ଇସ୍‌ଲାମୀୟ ସେନାଦଳରେ ସେ କମାଣ୍ଡର ହୋଇଥିଲେ ଓ କିସ୍‌ରା ସାମ୍ରାଜ୍ୟର ଅଂଟା ଭାଙ୍ଗି ଦେଇଥିଲେ ଏବଂ ଆଁ ହଜରତ ସ:ଆ:ସଙ୍କ ସୁସମାଚାର ମୂଳକ ଭବିଷ୍ୟବାଣୀକୁ ସତ୍ୟ କରି ଦେଖାଇ ଦେଲେ । ***(ସୟଦନା ଅବୁ ବକର ସିଦ୍ଦିକ୍ ର:ଅ....... ପୃ-୫୨,୮୪)***

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ରସୁଲୁଲ୍ଲାଃ ସ:ଆ:ସ କହିଲେ:- ମୁଁ ଯାହାକୁ ବି ଇସ୍‌ଲାମ୍ ଆଡ଼କୁ ଆମନ୍ତ୍ରଣ କଲି ସେ ଠୋକର୍ ଖାଇଲା ଓ ଟାଳମୋଟଳ କଲା ଏବଂ ଅପେକ୍ଷା କଲା କିନ୍ତୁ ଅବୁ ବକର୍‌ଙ୍କୁ ଯେବେ ମୁଁ ଏ ବିଷୟ କହିଲି ନା ତ ସେ ପଛଘୁଂଚା ଦେଲେ ଓ ନା ଏ ସମ୍ବନ୍ଧରେ କୌଣସି ସଂଶୟ ରଖିଲେ ।**

**''ପ୍ରତ୍ୟେକ ଯୁଗରେ ଯିଏ ବି ସିଦ୍ଦିକ୍‌ଙ୍କ ସିଦ୍ଧତା ପ୍ରାପ୍ତ କରିବାକୁ ଚାହିଁବ ତା' ପାଇଁ ଏହା ଜରୁରୀ ଯେ ସେ ଅବୁ ବକର୍‌ଙ୍କ ସ୍ୱଭାବ ଓ ପ୍ରକୃତିକୁ ନିଜ ଭିତରେ ସୃଷ୍ଟି କରିବା ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରୁ ଏବଂ ପାରୁ ପର୍ଯ୍ୟନ୍ତ ପ୍ରାର୍ଥନା କରୁ । ଯେ ପର୍ଯ୍ୟନ୍ତ ଅବୁ ବକରୀ ସ୍ୱଭାବର ଛାୟାକୁ ସେ ନିଜ ଉପରେ ନ ଓଢ଼ିଛି ଓ ସେହି ରଙ୍ଗରେ ରଙ୍ଗାୟିତ ନ ହୋଇଛି ସେ ପର୍ଯ୍ୟନ୍ତ ସେ ସଦ୍ଦିକିଙ୍କ ସିଦ୍ଧତାକୁ ପ୍ରାପ୍ତ କରିପାରିବ ନାହିଁ ।'' (ହଜରତ ମସିହ୍ ମଉଦ୍ ଆ:ସ)**

## ହଜରତ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକ୍‌ବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସିଦ୍ଧତା ଏବଂ ଉଚ୍ଚ ପ୍ରଶଂସା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୧୦ ଡ଼ିସେମ୍ବର ୨୦୨୧ ଅନୁଯାୟୀ ୧୦ ଫତହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ:ଅ କହିଲେ; ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ଇସଲାମ ଧର୍ମ ସ୍ୱୀକାର କରିବା ପ୍ରସଙ୍ଗରେ କେତେକ କଥନ ଭିନ୍ନ ଭିନ୍ନ ଦିଗରୁ ବର୍ଣ୍ଣନା କରାଯାଇଛି କିନ୍ତୁ ବାସ୍ତବରେ ଘଟଣା ହେଉଛି ଗୋଟିଏ ବର୍ତମାନ ମୁଁ ଏଠାରେ କିଛି ବର୍ଣ୍ଣନା କରିଦେଉଛି । ଅସଦୁଲ୍ ଗାବା'ର ପୁସ୍ତକରେ ହଜରତ ଅବୁ ବକର୍ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବା ସମ୍ବନ୍ଧରେ ଉଲ୍ଲେଖ ରହିଛି, ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ ଅବୁ ବକର୍ ସଦ୍ଦିକ୍ ର:ଅ କହିଲେ ଯେ ମୁଁ ନବୀ କରିମ୍ ସ:ଆ:ସଙ୍କ ଆବିର୍ଭୁତ ହେବା ପୂର୍ବରୁ ଥରେ ୟମନ୍ ଯାଇଥିଲି ଏବଂ ଅଜଦ୍ କବିଲାର ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଘରେ ଅତିଥି ଭାବରେ ରହିଥିଲି । ସେହି ବ୍ୟକ୍ତି ଜଣକ ଜ୍ଞାନୀ ଲୋକ ଥିଲେ । ଆକାଶୀୟ ପୁସ୍ତକ ଗୁଡ଼ିକୁ ପଢ଼ିଥିଲେ ଓ ତାଙ୍କୁ ଲୋକମାନଙ୍କ ବଂଶ ଓ ଗୋତ୍ର ଇତ୍ୟାଦିର ଜ୍ଞାନରେ ପ୍ରବିଣତା ଥିଲା । ସେ ଯେତେବେଳେ ମତେ ଦେଖିଲେ, କହିଲେ ମୋ ମତରେ ତୁମେ ହରମ୍ ଇଲାକାର ଅଧିବାସୀ । ମୁଁ କହିଲି ହଁ ଆଜ୍ଞା ମୁଁ ହରମ୍ ନିବାସୀ ଅଟେ । ପୁଣି ସେ ମତେ କହିଲେ ମୁଁ ତୁମକୁ କୁରୈଶୀ ଭାବରେ ଜାଣୁଛି । ମୁଁ କହିଲି ହଁ ଆଜ୍ଞା ମୁଁ କୁରୈଶ ବଂଶର ଲୋକ । ପୁଣି ସେ କହିଲେ ମୁଁ ତୁମକୁ ତଇୟିମ୍ କବିଲାର ଭାବୁଛି । ମୁଁ କହିଲି ହଁ ଆଜ୍ଞା ମୁଁ ତଇୟିମ୍ ବିନ୍ ମୁର୍‌ରାଃ କବିଲାର । ମୁଁ ହେଉଛି ଅବ୍‌ଦୁଲ୍ଲାଃ ବିନ୍ ଉସ୍‌ମାନ୍ ଏବଂ କାଆବ୍ ବିନ୍ ସାଆଦ୍ ବିନ୍ ତଇୟିମ୍ ବିନ୍ ମୁର୍‌ରାଃଙ୍କ ସନ୍ତାନ । ସେ କହିଲେ ମୋ ପାଇଁ ତୁମ ନିମନ୍ତେ ଏବେ କେବଳ ଗୋଟିଏ କଥା ରହିଯାଇଛି । ମୁଁ କହିଲି ତାହା କ'ଣ ? ସେ କହିଲେ ତୁମେ ତୁମ ପେଟରୁ କପଡ଼ା ଉଠାଇ ଦେଖାଅ । ମୁଁ କହିଲି ମୁଁ ଏପରି କରିପାରିବି ନାହିଁ । ତୁମେ ମତେ ପ୍ରଥମେ ଏକଥା ବତାଓ ଯେ ତୁମେ କାହିଁକି ଏହା କରିବାକୁ ଚାହୁଁଅଛ ? ସେ କହିଲେ ମୁଁ ସଠିକ୍ ଜ୍ଞାନ ଓ ସତ୍ୟ କଥା ପାଉଛି ଯେ ଜଣେ ନବୀ ହର୍‌ମ୍‌ଠାରେ ଆବିର୍ଭାବ ହେବେ ଜଣେ ଯୁବକ ଓ ଜଣେ ବୟସ୍କ ବ୍ୟକ୍ତି ତାଙ୍କ କାମରେ ତାଙ୍କୁ (ଅର୍ଥାତ ନବୀଙ୍କୁ) ସାହାଯ୍ୟ କରିବେ । ଯେଉଁଠି ଯୁବକ ଜଣକର କଥା ଉଠୁଛି, ସେ କଠିନ ପରିସ୍ଥିତିରେ ଡ଼ିଆଁ ମାରୁଥିବେ ଓ ବିଷମ ପରିସ୍ଥିତିକୁ ରୋକି ପାରୁଥିବା ଲୋକ ହେବ ଏବଂ ବୟସ୍କ ବ୍ୟକ୍ତି ଜଣକ ଗୋରା ଓ ପତଳା ଶରୀରଧାରୀ ବ୍ୟକ୍ତି ହେବେ ଓ ତାଙ୍କ ପେଟରେ କଳାଜାଇ ଥିବ ଏବଂ ତାଙ୍କ ବାମପାର୍ଶ୍ୱର ଜଙ୍ଘରେ ଗୋଟିଏ ଚିହ୍ନ ଥିବ । ପୁଣି ସେହି ବୃଦ୍ଧ ଜଣକ କହିଲେ ତୁମ ପାଇଁ ଜରୁରୀ ନୁହେଁ ଯେ ତୁମେ ମତେ ପେଟରୁ କପଡ଼ା କାଢ଼ି ଦେଖାଅ କାରଣ ତୁମଠାରେ ମୁଁ ଆଉ ସମସ୍ତ ଲକ୍ଷଣ ଦେଖି ସାରିଲିଣି କେବଳ ଯାହା ମୁଁ ଏପର୍ଯ୍ୟନ୍ତ ଆଖିରେ ନ ଦେଖିଛି । ଏହା ଶୁଣି ହଜରତ ଅବୁ ବକର୍ ର:ଅ କହିଲେ: ଅତଃ ମୁଁ ମୋ ପେଟରୁ କପଡ଼ା ବାହାର କରି ଦେଖାଇଦେଲି । ସେ ମୋ ନାଭି ଉପରେ ଥିବା କଳା ଜାଇ ଚିହ୍ନକୁ ଦେଖି କହିଲେ ଯେ କାବାର ପାଳନକର୍ତାଙ୍କ ରାଣ ! ତୁମେ ହେଉଛ ସେହି ବ୍ୟକ୍ତି ! ମୁଁ ତୁମ ସମ୍ମୁଖରେ ଗୋଟିଏ ମାମଲା ଉପସ୍ଥାପନ କରିବାକୁ ଯାଉଛି, ତୁମେ ସେ ସମ୍ବନ୍ଧରେ ସତର୍କ ରହିବ । ହଜରତ ଅବୁ ବକର୍ ର:ଅ କହିଲେ ତାହା କଣ ? ସେ ଅବୁ ବକର ର:ଅଙ୍କୁ କହିଲେ ଯେ ତୁମେ ସତ୍ ମାର୍ଗରୁ କଦାପି ମୁହଁ ମୋଡ଼ିବ ନାହିଁ । ଉତମ ଓ ସର୍ବୋତ୍କୃଷ୍ଟ ମାର୍ଗକୁ ଦୃଢତାର ସହିତ ଜାବୁଡ଼ି ଧରିବ ଏବଂ ପ୍ରଭୁଙ୍କ ତରଫରୁ ପ୍ରଦତ ଧନସମ୍ପତି ଯୋଗୁଁ ପ୍ରଭୁଙ୍କ ଭୟ ପୋଷଣ କରିବ । ହଜରତ ଅବୁ ବକର୍ ର:ଅ କହୁଛନ୍ତି ଯେ ମୁଁ ୟମନ୍‌ରେ ନିଜର କାମ ଶେଷ କରି ସେହି ବୃଦ୍ଧ ଲୋକଙ୍କ ନିକଟକୁ ବିଦାୟ ଜଣାଇବା ପାଇଁ ଗଲି । ସେ କହିଲେ କଣ ତୁମେ ମୋର ଏହି ପଦଗୁଡ଼ିକୁ ମନେ ରଖିବ ଯାହା ମୁଁ ସେହି ନବୀଙ୍କ ପ୍ରଶଂସାରେ ଲେଖିଛି ? ମୁଁ କହିଲି ହଁ । ସେ କିଛି ପଦ ମତେ ଶୁଣାଇଲେ । ପୁଣି ହଜରତ ଅବୁ ବକର୍ ର:ଅ ମକ୍କା ଚାଲି ଆସିଲେ ଓ ଦେଖିଲେ ଯେ ନବୀ କରିମ୍ ସ:ଆ:ସ ଆବିର୍ଭୁତ ହୋଇସାରିଛନ୍ତି । ପୁଣି ଉକ୍‌ବା ବିନ୍ ଅବି ମୁଇତ୍, ଶୈବାଃ, ରବିୟା, ଅବୁ ଜହଲ୍, ଅବୁ ବୁଖ୍‌ତରୀ ଏବଂ କୁରୈଶ୍‌ର ଅନ୍ୟାନ୍ୟ ସର୍‌ଦାର୍‌ମାନେ ମୋ ପାଖକୁ ଆସିଲେ । ମୁଁ ସେମାନଙ୍କୁ କହିଲି ଯେ କ'ଣ ତୁମ ମାନଙ୍କ ଉପରେ କୌଣସି ବିପତି ଆସିଯାଇଛି ବା କିଛି ଘଟଣା ଘଟିଛି ଯେ ତୁମେମାନେ ସମସ୍ତେ ଏକାଠି ହୋଇଯାଇଛ ? ସେମାନେ କହିଲେ ହେ ଅବୁ ବକର୍ ! ବହୁତ ବଡ଼ ଘଟଣା ଘଟିଯାଇଛି । ଅବୁ ତାଲିବ୍‌ଙ୍କ ଅନାଥ ଏ ଦାବି କରିବସିଛି ଯେ ସେ ହେଉଛି ନବୀ (ଅର୍ଥାତ ଅଲ୍ଲାଃଙ୍କ ତରଫରୁ ଦୂତ ତଥା ଅବତାର) । ଯଦି ଆପଣ ନଥା'ନ୍ତେ ତା'ହେଲେ ଆମେ ତାହାଙ୍କ ସମ୍ବନ୍ଧରେ କିଛି ବି ଅପେକ୍ଷା କରିନଥାନ୍ତୁ । ଯେହେତୁ ଏବେ ଆପଣ ଆସିଯାଇଛନ୍ତି, ଏବେ ଏହି ମାମଲା ନିମନ୍ତେ ଆପଣ ହିଁ ଆମର ଆଶା ଭରଷା । ଆପଣ ହିଁ ଆମ ପାଇଁ ଯଥେଷ୍ଟ । ଏଥିରେ ହଜରତ ଅବୁ ବକର୍ ର:ଅ କହିଲେ ଯେ ମୁଁ ସେମାନଙ୍କୁ ବହୁତ ସୁନ୍ଦର ଭାବରେ କଥା ଟାଳି ଦେଲି ଓ ମୁଁ ନବୀ ସ:ଆ:ସଙ୍କ ସମ୍ବନ୍ଧରେ ପଚାରିବାରୁ ମତେ କୁହାଗଲା ଯେ ସେ ହଜରତ ଖଦିଜା ର:ଅଙ୍କ ଘରେ ଅଛନ୍ତି । ମୁଁ ଯାଇ କବାଟ ବାଡ଼େଇଲି । ମହାଭାଗ ସ:ଆ:ସ ବାହାରକୁ ବାହାରିଲେ । ଅତଃ ମୁଁ କହିଲି ହେ ମୁହମ୍ମଦ ସ:ଆ:ସ ! ଆପଣ ନିଜ ବଂଶର ଘରୁ ଉଠିଯାଇଛନ୍ତି ଓ ନିଜ ପିତୃପୁରୁଷଙ୍କ ଧର୍ମକୁ ପରିତ୍ୟାଗ କରିଛନ୍ତି ! ଏଥିରେ ଆଁ ହଜରତ ସ:ଆ:ସ କହିଲେ ଯେ ହେ ଅବୁ ବକର୍ ! ମୁଁ ତୁମ ପାଇଁ ଓ ସମସ୍ତ ଲୋକମାନଙ୍କ ନିମନ୍ତେ ଅଲ୍ଲାଃଙ୍କ ରସୁଲ୍ ଭାବରେ ପ୍ରେରିତ ହୋଇଅଛି । ଅତଏବ ତୁମେ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣ । ମୁଁ କହିଲି ଏହି ଦାବିରେ ଆପଣଙ୍କର କ'ଣ ଦଲିଲ୍ (ପ୍ରମାଣ) ଅଛି ? ଏଥିରେ ମହାଭାଗ ସ:ଆ:ସ କହିଲେ ସେହି ବୃଦ୍ଧ ବ୍ୟକ୍ତି, ଯାହାଙ୍କୁ ତୁମେ ୟମନ୍‌ରେ ସାକ୍ଷାତ କରିଥିଲେ । ମୁଁ କହିଲି ୟମନ୍‌ରେ ବହୁତ ବୃଦ୍ଧ ବ୍ୟକ୍ତି ଥିଲେ ଯାହାଙ୍କ ସହିତ ମୁଁ ସାକ୍ଷାତ କରିଥିଲି । ଏଥିରେ ଆଁ ହଜରତ ସ:ଆ:ସ କହିଲେ: ସେହି ବୃଦ୍ଧ ବ୍ୟକ୍ତି ଯିଏ ତୁମକୁ କବିତା (ପଦ) ପଢ଼ି ଶୁଣାଇଥିଲେ । ଏଥିରେ ମୁଁ କହିଲି ହେ ମୋର ପ୍ରୀୟ ସାଥି ! ଆପଣଙ୍କୁ ଏ ଖବର କିଏ ଦେଲା ? ଆଁ ହଜରତ ସ:ଆ:ସ କହିଲେ ସେହି ମହାନ୍ ଫରିସ୍ତା (ଦେବଦୂତ) ଏ ଖବର ଦେଇଛନ୍ତି ଯିଏ ମୋ ପୂର୍ବରୁ ନବୀମାନଙ୍କ ନିକଟକୁ ବି ଆସୁଥିଲେ । ମୁଁ ନିବେଦନ କଲି ଆପଣ ନିଜର ହାତ ଆଗକୁ ବଢ଼ାନ୍ତୁ । ମୁଁ ଏ ସାକ୍ଷ୍ୟ ଦେଉଅଛି ଯେ **ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି ଏବଂ ଆପଣ ଅଲ୍ଲାଃଙ୍କର ବାର୍ତାବହ ଅଟନ୍ତି ।** ହଜରତ ଅବୁ ବକର୍ ର:ଅ କୁହନ୍ତି:- ମୁଁ ପୁଣି ମୁଁ ସେଠାରୁ ଫେରିଲି ଓ ମୋ ଇସ୍‌ଲାମ୍ ଗ୍ରହଣ କରିବା ଦ୍ୱାରା ମକ୍କାର ଦୁଇ ପାହାଡ଼ ମଧ୍ୟରେ (ଥିବା ଲୋକମାନଙ୍କ ମଧ୍ୟରେ) ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଅଧିକା ଖୁସି ଆଉ କିଏ ନଥିଲେ ***(ଉସଦୁଲ୍ ଗାବାଃ ଫି ମାରେଫତିସ୍ ସାହାବା ଖଣ୍ଡ-୩, ପୃ-୩୧୨,୩୧୩ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୮)***

ଏହା ଉସ୍‌ଦୁଲ୍ ଗାବାଃର ହୱାଲା (ଟିକା) । ସମ୍ଭବତଃ କିଛି ସ୍ଥାନରେ କିଛି ବଢ଼ାଇ ଦିଆଯାଇଥିବ କିନ୍ତୁ ବହୁତ ସାରା କଥା ସଠିକ୍ ହୋଇଥିବ ।

ରିୟାଜୁଲ୍ ନଜ୍‌ରାଃ'ରେ ହଜରତ ଅବୁ ବକର୍ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବା ଘଟଣା ଏପରି ଉଲ୍ଲେଖ ରହିଛି ଯେ ଉମ୍ମୁଲ୍ ମୁମିନିନ୍ ହଜରତ ଉମ୍ମେ ସଲ୍‌ମା ବର୍ଣ୍ଣନା କରନ୍ତି; ଯେ ହଜରତ ଅବୁ ବକର୍ ର:ଅ ଆଁ ହଜରତ ସ:ଆ:ସଙ୍କର ଘନିଷ୍ଠ ଓ ନିଷ୍ଠାବାନ ମିତ୍ର ଥିଲେ । ଯେତେବେଳେ ମହାଭାଗ ସ:ଆ:ସ ଆବିର୍ଭୂତ ହେଲେ ସେତେବେଳେ କୁରୈଶର ଲୋକମାନେ ହଜରତ ଅବୁବକର ର:ଅଙ୍କ ନିକଟକୁ ଆସି କହିଲେ ହେ ଅବୁ ବକର୍ ! ତୁମର ସେହି ମିତ୍ର ପାଗଳ ହୋଇଯାଇଛନ୍ତି (ନଉଜୁବିଲ୍ଲାଃ) ଆଁ ହଜରତ ସ:ଆ:ସ କହିଲେ କଥା କ'ଣ ? ଏଥିରେ ସେମାନେ କହିଲେ ଦେଖ ସେ କିପରି ମସ୍‌ଜିଦ୍ ହରାମ୍‌ରେ ଲୋକମାନଙ୍କୁ ଏକେଶ୍ୱରବାଦ ପ୍ରତି ଡ଼ାକରା ଦେଉଛନ୍ତି ଅର୍ଥାତ ଏକ ଈଶ୍ୱରଙ୍କ ପ୍ରତି ଲୋକମାନଙ୍କୁ ଡ଼ାକୁଛନ୍ତି । ଏବଂ ସ୍ୱୟଂକୁ ଅବତାର ବୋଲି କହୁଛନ୍ତି ଏଥିରେ ଆଁ ହଜରତ ସ:ଆ:ସ ପଚାରିଲେ ଯେ କ'ଣ ଏମିତି କଥା ସେ କହିଛନ୍ତି ? ଲୋକମାନେ କହିଲେ ହଁ ସେ ଏମିତି କଥା ମସ୍‌ଜିଦ୍ ହରାମ୍‌ରେ କହୁଛନ୍ତି । ଅତଏବ ଆଁ ହଜରତ ସ:ଆ:ସ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଗଲେ ଓ ତାଙ୍କ କବାଟକୁ ଖଟ୍‌ଖଟାଇଲେ । ମହାଭାଗ ସ:ଆ:ସଙ୍କୁ ବାହାରକୁ ଆସିବା ପାଇଁ ଡ଼ାକିଲେ । ଯେବେ ମହାଭାଗ ସ:ଆ:ସ ତାଙ୍କ ସମ୍ମୁଖକୁ ଆସିଲେ, ହଜରତ ଅବୁ ବକର୍ ର:ଅ କହିଲେ ଯେ ହେ ଅବୁଲ୍ କାସିମ୍ ! ମୁଁ ଆପଣଙ୍କ ସମ୍ବନ୍ଧରେ ଏମିତି କଣ ଶୁଣୁଛି ? ଏଥିରେ ମହାଭାଗ ସ:ଆ:ସ କହିଲେ ହେ ଅବୁ ବକର୍ ! ତୁମେ ମୋ ସମ୍ବନ୍ଧରେ କ'ଣ ଶୁଣିବାକୁ/ ଜାଣିବାକୁ ପାଇଲ ? ହଜରତ ଅବୁ ବକର୍ ର:ଅ କହିଲେ ଯେ ମତେ ଏ ଖବର ପହଂଚିଛି ଯେ ଆପଣ ଅଲ୍ଲାଃଙ୍କ ଏକେଶ୍ୱରବାଦ ଆଡ଼କୁ ଲୋକମାନଙ୍କୁ ଡ଼ାକୁଛନ୍ତି ଏବଂ ଆପଣ ଏକଥା କହୁଛନ୍ତି ଯେ ଆପଣ କୁଆଡୁ ଅଲ୍ଲାଃଙ୍କର ରସୁଲ୍ (ଅର୍ଥାତ ପ୍ରେରିତ ଦୂତ) ଅଟନ୍ତି । ଆଁ ହଜରତ ସ:ଆ:ସ କହିଲେ ହଁ ହେ ଅବୁ ବକର୍ ! ଅବଶ୍ୟ ମୋ ପାଳନକର୍ତା ମତେ ବଶି୍ର ଏବଂ ନଜିର୍ ବନାଇଛନ୍ତି (ଅର୍ଥାତ ସୁସମାଚାର ପ୍ରଦାନକାରୀ ତଥା ସଚେତନ କର୍ତା) ଓ ମତେ ଇବ୍ରାହିମ୍‌ଙ୍କ ଦୁଆ (ପ୍ରାର୍ଥନାର ଫଳ) ବନାଇଛନ୍ତି ଏବଂ ମତେ ସମଗ୍ର ମାନବଜତି ନିମନ୍ତେ ପ୍ରେରଣ କରାଯାଇଛି । ଏଥିରେ ହଜରତ ଅବୁ ବକର୍ ର:ଅ ଆପଣ ସ:ଆ:ସଙ୍କୁ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ କଦାପି ଆପଣଙ୍କୁ ମିଥ୍ୟା କହିବାର ଦେଖିନାହିଁ । ଆପଣ ନିଶ୍ଚିତ ରୂପେ ନିଜର ମହାନ ବିଶ୍ୱାସ, ଦୟା ଓ ଉତମ କାର୍ଯ୍ୟ ଯୋଗୁଁ ନବୁଓ୍ୱତ (ଭବିଷ୍ୟତବକ୍ତା)ର ଅଧିକ ଯୋଗ୍ୟ ଅଟନ୍ତି । ଆପଣ ନିଜର ହାତ ଆଗକୁ ବଢ଼ାନ୍ତୁ ଯଦ୍ୱାରା ମୁଁ ଆପଣଙ୍କ ହାତରେ ବୟତ କରିବି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ନିଜ ହାତକୁ ଆଗକୁ ବଢ଼ାଇଲେ ଓ ହଜରତ ଅବୁ ବକର୍ ର:ଅ ମହାଭାଗ ସ:ଆ:ସଙ୍କର ବୟତ କଲେ । ସତ୍ୟତା ପ୍ରତିପାଦନ କଲେ ଏବଂ ସ୍ୱୀକାର କଲେ ଯେ ଆପଣ ଯାହା କିଛି (ଈଶ୍ୱରଙ୍କ ତରଫରୁ) ଘେନି ଆସିଛନ୍ତି ତାହା ହେଉଛି ସତ୍ୟ । ଅତଃ ଅଲ୍ଲାଃଙ୍କ ରାଣ ! ହଜରତ ଅବୁ ବକର୍ ର:ଅ କୌଣସି ପ୍ରକାରର ବିରାମ ତଥା ଦ୍ୱିଧାବୋଧ କଲେନାହିଁ, ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଇସ୍‌ଲାମ୍ ଆଡ଼କୁ ଡ଼ାକିଲେ ।

*(ରିୟାଜୁନ୍ ନଜ୍‌ରାଃ, ଖଣ୍ଡ-୧, ପୃ-୮୪-୮୫.....ବେରୁତ ୨୦୧୪)*

ଅତଏବ ହଜରତ ଅବୁ ବକର୍ ର:ଅ କୌଣସି ପ୍ରକାରର ପ୍ରଶ୍ନ ଓ ପ୍ରତିବାଦ ନକରି, ଆପଣଙ୍କର ପୂର୍ଣ୍ଣ ସମର୍ଥନ କଲେ ଏବଂ ସାକ୍ଷ୍ୟ ଦେଲେ ଯେ ଆପଣ ଯାହା ନେଇ ଆସିଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ସତ୍ୟ ।

ଆଉ ଏକ ବର୍ଣ୍ଣନାନୁଯାୟୀ ହଜୁର ସ:ଆ:ସ କହିଲେ; **ହଜରତ ଅବୁବକର ର:ଅଙ୍କ ବ୍ୟତୀତ ମୁଁ ଯାହାକୁ ମଧ୍ୟ ଇସଲାମ ପ୍ରତି ଡ଼ାକରା ଦେଲି ସେ ତାହାକୁ ଅସ୍ୱୀକାର କଲା ଓ ସେଥିରେ ବିଳମ୍ବତା ପ୍ରଦର୍ଶନ କଲା** ଓ ଅପେକ୍ଷା କରୁଥିଲା । ମୁଁ ଯେତେବେଳେ ତାଙ୍କୁ ଇସ୍‌ଲାମ୍ ଆଡ଼କୁ ନିମନ୍ତ୍ରଣ ଦେଲି ସେ ନା ତ ପଛଘୁଂଚା ଦେଲେ ଓ ନା ସେ ସମ୍ବନ୍ଧରେ କୌଣସି ବିଳମ୍ବ ତଥା ସଂଶୟ କଲେ ।

*(ଉସ୍‌ଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୨୦୫-୨୦୬..... ବେରୁତ ୨୦୦୩)*

ନବୀ ସ:ଆ:ସ କହିଲେ ହେ ଲୋକମାନେ ! ଅଲ୍ଲାଃ ମତେ ତୁମମାନଙ୍କ ଆଡ଼କୁ ଦୂତ ଭାବରେ ପ୍ରେରଣ କରିଛନ୍ତି । କିନ୍ତୁ ତୁମେମାନେ ମତେ କହିଲ ତୁ ମିଥ୍ୟାବାଦୀ ଯେବେ କି ଅବୁ ବକର୍ ର:ଅ କହିଲେ ମୁଁ ସତ୍ୟବାଦୀ ଓ ସେ ନିଜର ଧନ ଓ ମନ ଦ୍ୱାରା ମତେ ସାହାଯ୍ୟ କରି ମତେ ସହାନୁଭୂତି ଦେଖାଇଲେ । *(ସହି ବୁଖାରୀ..... ହଦିସ୍-୩୬୬୧)*

ହଜରତ ମୁସ୍‌ଲେହ ମଉଦ ର:ଅ ହଜରତ ଅବୁବକର ର:ଅଙ୍କର ଇସଲାମ ଧର୍ମ ସ୍ୱୀକାର କରିବା ପ୍ରସଙ୍ଗରେ କୁହନ୍ତି; ଗୋଟିଏ ସ୍ଥାନରେ ବର୍ଣ୍ଣିତ ରହିଛି ଯେ ହଜୁର[ସ.ଅ] ଯେତେବେଳେ ନବୀ ହେବାର ଘୋଷଣା କଲେ ସେତେବେଳେ ହଜରତ ଅବୁବକର ର:ଅ ମକ୍କା ବାହାରକୁ ଯାଇଥିଲେ, ପ୍ରତ୍ୟାବର୍ତନ କରିବା ପରେ ଆପଣଙ୍କୁ ଜଣେ ଦାସୀ କହିଲେ; ଯେ ଆପଣଙ୍କ ବନ୍ଧୁ ତ (ନଉଜୁବିଲ୍ଲାଃ) ପାଗଳ ହୋଇଯାଇଛନ୍ତି ଓ ସେ ଅଜବ ଅଜବ କଥା କହୁଛନ୍ତି । ଉଦାହରଣ ସ୍ୱରୁପ ସେ ଏକଥା କହୁଛନ୍ତି ଯେ ମୋ ଉପରେ ଆକାଶ ମାର୍ଗରୁ ଦେବଦୂତ ଅବତୀର୍ଣ୍ଣ ହେଉଛନ୍ତି । ହଜରତ ଅବୁବକର ର:ଅ ସେହିକ୍ଷଣି ଉଠିଲେ ଏବଂ ହଜୁର ସ:ଆ:ସଙ୍କ ଘରେ ପହଂଚିଗଲେ । ହଜରତ ଅବୁ ବକର୍ ର:ଅଙ୍କୁ ଦେଖି ହଜୁର ସ:ଆ:ସ କିଛି ଦଲିଲ୍ ଅର୍ଥାତ ପ୍ରମାଣ ଦେବାକୁ ଚାହୁଁଥିଲେ କିନ୍ତୁ ହଜରତ ଅବୁବକର ର:ଅ କହିଲେ; ନା ନା ଆପଣ କେବଳ ମୋତେ ଏତିକି କୁହନ୍ତୁ ଯେ କ'ଣ ଏକଥା ସତ ? ହଜୁର ସ:ଆ:ସ କହିଲେ; ହଁ ସତ । ଏଥିରେ ହଜରତ ଅବୁବକର ର:ଅ କହିଲେ; ମୁଁ ଆପଣଙ୍କ ଉପରେ ବିଶ୍ୱାସ ଆଣୁଛି । ଅଧିକନ୍ତୁ କହିଲେ, ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଆପଣଙ୍କୁ କୌଣସି ଦଲିଲ୍ ଉପସ୍ଥାପନ କରିବାରୁ ଏଥିସକାଶେ ଅଟକାଇ ଦେଲି ଯେ ମୁଁ ଏହା ଚାହୁଁଥିଲି କି ମୋର ବିଶ୍ୱାସ ଦଲିଲ୍ ଆଧାରରେ ନହେଉ ବରଂ ମୋ ପାଇଁ ପର୍ଯ୍ୟବେକ୍ଷଣ ହିଁ ଯଥେଷ୍ଟ ହେଉ । ମୁଁ ଆପଣଙ୍କୁ ସତ୍ୟବାଦୀ ଓ ପବିତ୍ର ଜାଣିବା ପରେ କୌଣସି ଦଲିଲ୍‌ର ଆବଶ୍ୟକତା ମଣୁ ନାହିଁ । ବସ୍ତୁତଃ ଯେଉଁ କଥାକୁ ମକ୍କାବାସୀ ଗୁପ୍ତ ରଖିବାକୁ ଚାହୁଁଥିଲେ ତାହାକୁ ହଜରତ ଅବୁବକର ର:ଅ ନିଜ ବ୍ୟବହାର ଦ୍ୱାରା ସ୍ପଷ୍ଟ ପ୍ରକାଶ୍ୟ କରି ଦେଖାଇଦେଲେ ।

*(ତଫ୍‌ସୀର୍, କବୀର୍, ଖଣ୍ଡ-୨, ପୃ-୨୫୧-୨୫୨)*

ହଜରତ ମୁସ୍‌ଲେହ ମଉଦ୍ ର:ଅ ଆଉ ଏକ ସ୍ଥାନରେ ହଜରତ ଅବୁ ବକର୍ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବା ବିଷୟରେ ଏପରି ବର୍ଣ୍ଣନା କରିଛନ୍ତି ଯେ "ହଜରତ ଅବୁ ବକର୍ ର:ଅଙ୍କ ବିଶ୍ୱାସ ଆଣିବା ଅଜବ ପ୍ରକାରର ଥିଲା । ଯେତେବେଳେ ଆଁ ହଜରତ ସ:ଆ:ସଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଲା ଯେ ଆପଣ ସ:ଆ:ସ ନବୁଓ୍ୱତର ଦାବି କରନ୍ତୁ । ସେତେବେଳେ ହଜରତ ଅବୁ ବକର୍ ର:ଅ ମକ୍କାର ଜଣେ ରଇସ୍‌ଙ୍କ ଘରେ ବସିଥିଲେ । ସେହି ରଇସ (ସରଦାର୍)ଙ୍କ ଦାସୀ ଆସି କହିଲେ ଯେ ଜଣାନାହିଁ ଖଦିଜା ର:ଅଙ୍କୁ କ'ଣ ହୋଇଯାଇଛଇ । ସେ ଏହା କହୁଛନ୍ତି ଯେ ମୋ ସ୍ୱାମୀ ସେହିପରିକା ନବୀ ଅଟନ୍ତି ଯେଉଁ ପରିକା ନବୀ ମୁସା ଆ:ସ ଥିଲେ । ଲୋକମାନେ ଏ ଖବର ଶୁଣି ହସିବାକୁ ଲାଗିଲେ ଓ ଏହିପରି କହୁଥିବା ଲୋକକୁ ପାଗଳ ବୋଲି ଅଭିହିତ କରିବାକୁ ଲାଗିଲେ । କିନ୍ତୁ ହଜରତ ଅବୁ ବକର୍ ର:ଅ ଯିଏ ରସୁଲେ୍ କରିମ୍ ସ:ଆ:ସଙ୍କ ସହିତ ବହୁତ ଘନିଷ୍ଠ ସମ୍ପର୍କ ରଖିଥିଲେ ସେ ସେହି କ୍ଷଣି ଉଠି ହଜରତ ନବୀ କରିମ୍ ସ:ଆ:ସଙ୍କ ଦୁଆର ନିକଟକୁ ଆସିଲେ ଓ ପଚାରିଲେ ଯେ କ'ଣ ଆପଣ କୌଣସି ପ୍ରକାରର ଦାବି କରିଛନ୍ତି କି ? ମହାଭାଗ ସ:ଆ:ସ ଉତର ଦେଲେ ହଁ ! ଅଲ୍ଲାଃ ତାଲା ମତେ ଏ ସଂସାରର ସୁଧାରକ ଭାବରେ ପ୍ରେରଣ କରିଛନ୍ତି ଓ ସିର୍କ (ଅର୍ଥାତ ଅନେକେଶ୍ୱରବାଦ)କୁ ନିଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହଜରତ ଅବୁ ବକର୍ ର:ଅ ଅନ୍ୟ କୌଣସି ପ୍ରଶ୍ନ କରିବା ପରିବର୍ତେ ଏ କଥା କହିଲେ ଯେ ମୋ ମାଆ ବାପାଙ୍କ ରାଣ ! ତୁମେ କେବେ ବି ମିଛ କହିନାହଁ ତେଣୁ ମୁଁ ଏକଥା ମୁଁ କେବେ ବି ମାନିପାରିବି ନାହିଁ ଯେ ତୁମେ ଈଶ୍ୱରଙ୍କ ସମ୍ବନ୍ଧରେ ମିଛ କହୁଅଛ । ଅତଃ ମୁଁ ଇମାନ୍ (ଅର୍ଥାତ ବିଶ୍ୱାସ) ଆଣୁଛି ଯେ ଈଶ୍ୱରଙ୍କ ବ୍ୟତୀତ ଆଉ କୌଣସି ଠାକୁର ନାହାନ୍ତି ଓ ମୁଁ ଏ ବିଶ୍ୱାସ ଆଣୁଅଛି ଯେ ଆପଣ ହେଉଛନ୍ତି ଈଶ୍ୱରଙ୍କ ତରଫରୁ ରସୁଲ୍ (ଅର୍ଥାତ ଆପଣ ଈଶ୍ୱର ପ୍ରେରିତ ଦୂତ ଅଟନ୍ତି) । ତା'ପରେ ହଜରତ ଅବୁ ବକର୍ ର:ଅ ଏମିତି ଯୁବକମାନଙ୍କୁ ଏକତ୍ରିତ କଲେ ଯେଉଁମାନେ ତାଙ୍କ ଧର୍ମ ପରାୟଣତା ଓ ପୂଣ୍ୟ ସ୍ୱଭାବକୁ ମାନୁଥିଲେ ଓ ସେମାନଙ୍କୁ ହଜରତ ଅବୁ ବକର୍ ର:ଅ ବୁଝେଇବା ଆରମ୍ଭ କରିଦେଲେ । ଅତଃ ଆଉ ସାତଜଣ ଲୋକ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ନେଇ ଆସିଲେ । ଏମାନେ ସମସ୍ତେ ଯୁବକ ଥିଲେ ଓ ଏମାନଙ୍କର ବୟସ ୧୨ ରୁ ୨୫ ବର୍ଷ ବୟସ ମଧ୍ୟରେ ଥିଲା ।" ***(ଦୌରା ଯୁରୋପ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୮, ପୃ-୫୪୩-୫୪୪)*** ଏଥିଅନ୍ତେ ହଜରତ ଅବୁବକର ର:ଅ ଏପରି ଯୁବକମାନଙ୍କୁ ଏକତ୍ରିତ କଲେ ଯେ ହଜରତ ଅବୁବକରଙ୍କ ପୁଣ୍ୟ ଓ ଧର୍ମ ପରାୟଣତାରେ ପ୍ରଲୁବ୍ଧ ଥିଲେ । ସେମାନଙ୍କୁ ଆପଣ ବୁଝାଇବା ଆରମ୍ଭ କଲେ, ଫଳତଃ ୭ଜଣ ଯୁବକ ହଜୁର ସ:ଆ:ସଙ୍କ ହସ୍ତରେ ବୈଅତ କରିନେଲେ । ସେହି ସମସ୍ତ ଯୁବକମାନଙ୍କ ବୟସ ପ୍ରାୟ ୧୨ରୁ ୨୫ବର୍ଷ ମଧ୍ୟରେ ଥିଲା । ପୁଣି ଆଉ ଏକ ସ୍ଥାନରେ ହଜରତ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି ଯେ "ହଜରତ ଅବୁ ବକର୍ ର:ଅ ରସୁଲେ୍ କରିମ୍ ସ:ଆ:ସଙ୍କୁ ଗୋଟିଏ ଦଲିଲ୍‌ରେ ମାନି ନେଇଥିଲେ । ପୁଣି କେବେ ବି ତାଙ୍କ ମନରେ ମହାଭାଗ ସ:ଆ:ସଙ୍କ ପ୍ରତି କ୍ଷଣକ ପାଇଁ ମଧ୍ୟ ସଂଶୟ ସୃଷ୍ଟି ହୋଇନଥିଲା ।" ସେହି ଦଲିଲ୍ ଚାଲିଛି । ଘଟଣା ଚକ୍ରର ବର୍ଣ୍ଣନା ବେଳେବେଳେ ଭିନ୍ନ ହୋଇଯାଇଥାଏ । "ଓ ସେହି ଦଲିଲ୍ ଏହା ଥିଲା ଯେ ସେ ରସୁଲେ୍ କରିମ୍ ସ:ଆ:ସଙ୍କୁ ପିଲାଦିନୁ ଦେଖି ଆସୁଥବଲେ ଓ ଜାଣିଥିଲେ ଯେ ସେ କଦାପି ମିଛ କହିନାହାନ୍ତି । କେବେ ବି ଦୁଷ୍ଟାମି କରିନାହାନ୍ତି । କେବେ ବି ତାଙ୍କ ମୁହଁରୁ ଅପବିତ୍ର କଥା ବାହାରି ନାହିଁ । ଅତଃ ସେ ଏହି କଥା ହିଁ ଜାଣିଥିଲେ । ଆ ଠାରୁ ଅଧିକା ସେ (ଅର୍ଥାତ ଅବୁବକର୍) ନା କୌଣସି ଶରିୟତ୍ ଜାଣିଥବଲେ ଯେ ତାହାର ଆଧାରରେ ସେ ରସୁଲେ୍ କରିମ୍ ସ:ଆ:ସଙ୍କୁ ସତ୍ୟବାଦୀ ରୂପରେ ଜାଣିଥା'ନ୍ତେ । ନା କୌଣସି କାନୁନ୍ ଆଧାରରେ । ବରଂ ତାଙ୍କୁ କିଛି ଜଣା ନଥିଲା ଯେ ଈଶ୍ୱରଙ୍କ ଦୂତ କେମିତି କା ହୋଇଥାନ୍ତି ? ଓ ତାଙ୍କ ସତ୍ୟତାର ପ୍ରମାଣ କଣ ? ସେ କେବଳ ଏତିକି ଜାଣିଥିଲେ ଯେ ରସୁଲେ୍ କରିମ୍ ସ:ଆ:ସ କେବେ ବି ମିଛି କହିନାହାନ୍ତି । ସେ ଗୋଟିଏ ଯାତ୍ରାରେ ବାହାରକୁ ଯାଇଥିଲେ । ଯେତେବେଳେ ଫେରିଲେ, ରାସ୍ତାରେ ହିଁ କେହି ଜଣେ ତାଙ୍କୁ କହିଲେ ତୁମର ସାଙ୍ଗ (ମୁହମ୍ମଦ ସ:ଆ:ସ) କହୁଛନ୍ତି ଯେ "ମୁଁ ହେଉଛି ଅଲ୍ଲାଃଙ୍କ ରସୁଲ୍" । ଏହା ଶୁଣି ହଜରତ ଅବୁ ବକର୍ ର:ଅ କହିଲେ ଯେ କଣ ମୁହମ୍ମଦ (ସ:ଆ:ସ) ଏହା କହିଛନ୍ତି ? ସେହି ବ୍ୟକ୍ତି ଜଣକ କହିଲେ ହଁ ଆଜ୍ଞା । ଏଥିରେ ହଜରତ ଅବୁ ବକର୍ ର:ଅ କହିଲେ ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ମିଛ କୁହନ୍ତି ନାହିଁ । ଯାହା କିଛି କୁହନ୍ତି ସତ କୁହନ୍ତି । କାରଣ ଯଦି ସେ କେବେ ବି ଲୋକମାନଙ୍କ ପାଇଁ ମିଛ କହିନାହାନ୍ତି ତା'ହେଲେ ସେ ଖୁଦାଙ୍କ ପାଇଁ କାହିଁକି ମିଛ କହିବେ ।

ଯେବେ ସେ ଲୋକମାନଙ୍କ ସହିତ କେବେ ବି ଅସାଧୁତା କରିନାହାନ୍ତି, ସେ ଏବେ କିପରି ସେମାନଙ୍କ ସହିତ ଏତେ ଅସାଧୁ ହୋଇପାରନ୍ତି ଯେ ସେମାନଙ୍କ ଆତ୍ମାକୁ ନଷ୍ଟ କରିଦେବ । କେବଳ ଏହି ଏକମାତ୍ର ପ୍ରମାଣ ଥିଲା, ଯେଉଁଥି ପାଇଁ ହଜରତ ଅବୁ ବକର୍

ର:ଅ ରସୁଲେ୍ କରିମ୍ ସ:ଆ:ସଙ୍କୁ ମାନି ନେଲେ ଓ ସେହି ପ୍ରମାଣକୁ ଅଲ୍ଲାଃ ତାଲା ମଧ୍ୟ ଗ୍ରହଣ କରିଛନ୍ତି । ସୁତରାଂ ଅଲ୍ଲାଃ ତାଲା ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ତୁମେ ଲୋକମାନଙ୍କୁ ଏହା କହିଦିଅ **ଫକଦ୍ ଲବିସ୍ତୁ ଫିଇକୁମ୍ ଉମ୍ରନ୍ ମିନ୍ କବ୍ଲିହି ଅଫଲା ତାକିଲୁନ୍ (ୟୁନୁସ୍:୧୭)** ଅର୍ଥାତ:- ଆମ୍ଭେ ଏଥି ପୂର୍ବରୁ ତୁମମାନଙ୍କ ସହିତ ଜୀବନର ଏକ ଦୀର୍ଘ ସମୟ ଅତିବାହିତ କରିଅଛୁ; ତଥାପି କ'ଣ ତୁମେମାନେ ବୁଝିପାରୁନାହଁ ? ଅର୍ଥାତ ମୁଁ ଏତେ ଦିନ ତୁମମାନଙ୍କ ଗହଣରେ ସମୟ ଅତିବାହିତ କରିଛି, ସେହି ସମୟକୁ ଦେଖ କ'ଣ ମୁଁ କେବେ ବି ତୁମମାନଙ୍କ ସହିତ ବିଶ୍ୱାସ ଘାତକତା କରିଛି କି ଯଦି ନୁହେଁ, ଏବେ ପୁଣି ମୁଁ ଖୁଦାଙ୍କ ସହିତ କାହିଁକି ବିଶ୍ୱାସଘାତକତା କରିବି । ଏହି ପ୍ରମାଣକୁ ହଜରତ ଅବୁ ବକର୍ ର:ଅ ଧରିଥିଲେ ଓ କହିଥିଲେ ଯେ ଯଦି ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ଏକଥା କହୁଛନ୍ତି ଯେ ସେ ଅଲ୍ଲାଃଙ୍କ ରସୁଲ୍ ଅଟନ୍ତି, ତା'ହେଲେ ସେ ସତ୍ୟ କହୁଛନ୍ତି ଓ ମୁଁ ଏହା ମାନୁଛି । ତା'ପରେ ନା ତାଙ୍କ ମନରେ କୌଣସି ସନ୍ଦେହ ଜାତ ହେଲା ଓ ନା ତାଙ୍କ ବିଶ୍ୱାସ କେବେ ଦୃବଳ ହେଲା । ହଜରତ ଅବୁବକର ର:ଅଙ୍କ ଉପରେ ବଡ଼ ବଡ଼ ବିପତି ଆସିଥିଲା, ଯେପରିକି ତାଙ୍କୁ ତାଙ୍କର ସମସ୍ତ ସମ୍ପତି ଓ ପ୍ରିୟ ଜନ୍ମଭୂମି ଛାଡ଼ିବାକୁ ପଡ଼ିଥିଲା ଏବଂ ନିଜ ପରିଜନଙ୍କୁ ହତ୍ୟା କରିବାକୁ ପଡ଼ିଥିଲା କିନ୍ତୁ ରସୁଲେ୍ କରିମ୍ ସ:ଆ:ସଙ୍କ ସତ୍ୟତା ପ୍ରତି ତାଙ୍କୁ କେବେ ବି କୌଣସି ସନ୍ଦେହ ହୋଇନଥିଲା" (ଅର୍ଥାତ ତଥାପି ତାଙ୍କ ପାଦ ଅଟଳ ଓ ଅବିଚଳ ରହିଥିଲା, ସେ ତିଳେ ମାତ୍ର ଆନ୍ଦୋଳିତ ହୋଇ ନଥିଲେ) । ***(ବୟତ୍ କର୍‌ନେ ୱାଲୋଁ କେ ଲିଏ ହିଦାୟାତ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୬, ପୃ-୭୬-୭୭)***

ଏକଦା ହଜରତ ମୁସ୍‌ଲେହ ମଉଦ୍ ର:ଅ ବୟତ କରିଥିବା ଲୋକମାନଙ୍କୁ ଉପଦେଶ ଦେଇଥିଲେ, ସେମାନଙ୍କୁ ବୁଝାଉଥିଲେ, ଅତଃ ସେହି ସମୟରେ ସେ ହଜରତ ଅବୁ ବକର୍ ର:ଅଙ୍କର ହଜୁର ମୁହମ୍ମଦ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବାର ଘଟଣାକୁ ବର୍ଣ୍ଣନା କରି କହିଥିଲେ । ହଜରତ ମସିହ ମଉଦ ଆ:ସ କୁହନ୍ତି; ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ସିଦ୍ଦିକ୍'ର ଉପାଧି ପ୍ରଦାନ କରିଥିଲେ । ଅଲ୍ଲାଃ ତାଲା ହିଁ ଠିକ୍ ଜାଣିଛନ୍ତି ଯେ ହଜରତ ଅବୁ ବକର୍ ର:ଅଙ୍କର କଣ ସବୁ ସିଦ୍ଧତା ଥିଲା । ଆଁ ହଜରତ ସ:ଆ:ସ ଏହା ମଧ୍ୟ କହିଛନ୍ତି ଯେ ହଜରତ ଅବୁ ବକର୍ ର:ଅଙ୍କ ଶ୍ରେଷ୍ଠତା ସେହି ଜିନିଷ ଯୋଗୁଁ ପ୍ରତିପାଦିତ ହୋଇଅଛି ଯାହା ତାଙ୍କ ହୃଦୟରେ ଭରି ରହିଛି । ବାସ୍ତବିକ ଯଦି ଚିନ୍ତା କରାଯାଏ ତେବେ ହଜରତ ଅବୁବକର ର:ଅଙ୍କ ପରି ସତ୍ୟବାଦୀଙ୍କ ଦୃଷ୍ଟାନ୍ତ ମିଳିବା କଷ୍ଟକର ବ୍ୟାପାର । ସତ୍ୟ ହେଉଛି ଏହା କି ପ୍ରତ୍ୟେକ ଯୁଗରେ ଯେଉଁ ବ୍ୟକ୍ତି ସଦ୍ଦିକ୍‌ଙ୍କ ପରି ସିଦ୍ଧତା ପ୍ରାପ୍ତ କରିବାକୁ ଚାହିଁବ ତା ପାଇଁ ଏହା ଜରୁରୀ ଯେ ସେ ହଜରତ ଅବୁ ବକର୍ ର:ଅଙ୍କ ସ୍ୱଭାବ ଓ ଗୁଣକୁ ନିଜ ମଧ୍ୟରେ ସୃଷ୍ଟି କରିବା ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରିବ ଏବଂ ପୂର୍ଣ୍ଣ ସାମର୍ଥ୍ୟର ସହିତ ଦୁଆ କରିବ । ଯେ ପର୍ଯ୍ୟନ୍ତ ଅବୁ ବକର୍‌ଙ୍କ ପ୍ରକୃତି/ସ୍ୱଭାବର ଛାୟା ନିଜ ଉପରେ ନ ଘୋଡ଼ାଉଛି ଓ ଏବଂ ଅବୁବକରଙ୍କ ସ୍ୱଭାବରେ ରଙ୍ଗିନ୍ (ମଣ୍ଡିତ) ନହୋଇଛି ସେ କଦାପି ସିଦ୍ଦିକ୍‌ର ଓ ସିଦ୍ଧତାକୁ ସ୍ତର ଲାଭ କରିପାରିବ ନାହିଁ" ।

ପୁଣି କହିଲେ "ଅବୁ ବକ୍‌ରି ସ୍ୱଭାବ କ'ଣ ? ଆ ଉପରେ ବିସ୍ତୃତ ଆଲୋଚନା କରିବାର ଏହା ସମୟ ନୁହେଁ । କାରଣ ଏହାର ବିବରଣୀ ବର୍ଣ୍ଣନା କରିବା ପାଇଁ ବହୁତ ସମୟ ଆବଶ୍ୟକ । ମୁଁ ସଂକ୍ଷେପରେ ଗୋଟିଏ ଘଟଣା ବର୍ଣ୍ଣନା କରିଦେଉଛି । ତାହା ହେଉଛି ଏହା କି ଯେବେ ଆଁ ହଜରତ ସ:ଆ:ସ ନବୁଓ୍ୱତ୍‌ର ଦାବି କଲେ ସେତେବେଳେ ହଜରତ ଅବୁ ବକର୍ ର:ଅ ସିରିୟା ଆଡ଼କୁ ବାଣିଜ୍ୟ କରିବା ପାଇଁ ଯାଇଥିଲେ । ଯେତେବେଳେ ସେଠାରୁ ଫେରିଲେ, ଏବେ ରାସ୍ତାରେ ହିଁ ଥିଲେ ଯେ ଜଣେ ଲୋକ ତାଙ୍କ ସହିତ ସାକ୍ଷାତ କଲେ । ସେ ତାଙ୍କଠାରୁ ମକ୍କାର ଅବସ୍ଥା ବିଷୟରେ ଜାଣିବାକୁ ଚାହିଁଲେ ଓ ପଚାରିଲେ ଯେ କିଛି ତାଜା ଖବର ଶୁଣାଅ । ଯେମିତି ଏହା ଏକ ଚିରାଚରିତ କଥା ଯେ ଯେବେ ମଣିଷ ଯାତ୍ରା କିର (ନିଜ ଇଲାକାକୁ) ଫେରୁଥାଏ ସେତେବେଳେ ଯଦି ରାସ୍ତାରେ କିଏ ସ୍ୱଦେଶୀ ଲୋକ ମିଳିଯାଏ, ସେତେବେଳେ ତାକୁ ସେ ନିଜ ଦେଶ (ଓ ଇଲାକା)ର ଖବର ପଚାରିଥାଏ । ସେହି ଲୋକ ଜଣକ ଉତର ଦେଲେ ଯେ ନୂଆ କଥା ହେଉଛି ଏହା କି ତୁମ ସାଙ୍ଗ ମୁହମ୍ମଦ ସ:ଆ:ସ ପୈଗମ୍ବରୀ ଅବତାରତ୍ୱ) ର ଦାବି କରିଛନ୍ତି । ହଜରତ ଅବୁ ବକର୍ ର:ଅ ଏକଥା ଶୁଣି କହିଲେ ଯେ ଯଦି ସେ ଦାବି କରିଛନ୍ତି ତା'ହେଲେ ନିଶ୍ଚିତ ରୂପେ ସେ ସତ୍ୟବାଦୀ ।

ଏହା ଗୋଟିଏ ଘଟଣାରୁ ଜଣାଯାଇପାରିବ ଯେ ଆଁ ହଜରତ ସ:ଆ:ସଙ୍କ ଉପରେ ତାଙ୍କୁ (ଅର୍ଥାତ ହଜରତ ଅବୁ ବକର୍ ର:ଅଙ୍କୁ- ଅନୁବାଦକ) କେତେ ବିଶ୍ୱାସ ଥିଲା । ସେ ଐଶିଚମତ୍କାରକୁ ବି ଆବଶ୍ୟକ ମଣିଲେ ନାହିଁ ଏବଂ ବାସ୍ତବିକ କଥା ହେଉଛି ଏହା କି ଐଶିଚମତ୍କାର ଦେଖିବାକୁ ସେହି ଲୋକ ଚାହିଁଥାଏ ଯିଏ ମୁଦେଇଙ୍କ ଅବସ୍ଥା ବିଷୟରେ ଅବଗତ ନଥାଏ ଓ ଯେଉଁଠି ଆତ୍ମ ସମ୍ମାନ ଖୋଜା ପଡ଼େ ଓ ସନ୍ତୁଷ୍ଟିର ଆବଶ୍ୟକତା ହୁଏ । କିନ୍ତୁ ଯେଉଁ ବ୍ୟକ୍ତିଙ୍କୁ ଅବସ୍ଥା ବିଷୟରେ ଜଣାଥାଏ, ତାଙ୍କୁ ଐଶିଚମତ୍କାରର କ'ଣ ଆବଶ୍ୟକ ଅଛି ? ଅତଃ ହଜରତ ଅବୁ ବକର୍ ର:ଅ ରାସ୍ତାରେ ହିଁ ଆଁ ହଜରତ ସ:ଆ:ସଙ୍କ ନବୁଓ୍ୱତ୍‌ର ଦାବି ବିଷୟରେ ଶୁଣି ବିଶ୍ୱାସ ନେଇ ଆସିଲେ । ପୁଣି ଯେତେବେଳେ ମକ୍କାରେ ପହଂଚିଲେ, ସେତେବେଳେ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ଜାଣିବାକୁ ଚାହିଁଲେ ଯେ କଣ ଆପଣ ନବୁଓ୍ୱତ୍‌ର ଦାବି କରିଛନ୍ତି କି ? ଆଁ ହଜରତ ସ:ଆ:ସ କହିଲେ ହଁ ଏକଥା ଠିକ୍ । ଏଥିରେ ହଜରତ ଅବୁ ବକର୍ ର:ଅ କହିଲେ ଯେ ଆପଣ ସାକ୍ଷୀ ରୁହନ୍ତୁ ଯେ ମୁଁ ହେଉଛି ଆପଣଙ୍କର ପ୍ରଥମ ସମର୍ଥନକାରୀ । ତାଙ୍କର ଏପରି କହିବା କେବଳ ବାକ୍ୟ ହିଁ ନଥିଲା ବରଂ ହଜରତ ଅବୁ ବକର୍ ର:ଅ ନିଜ କର୍ମରେ ତାହା ପ୍ରମାଣ କରି ଦେଖାଇଦେଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ତାହା ଉପରେ ପରିଚାଳିତ ହେଲେ ଓ ମୃତ୍ୟୁ ପରେ ମଧ ତାଙ୍କର ସଙ୍ଗତକୁ ଛାଡ଼ି ନାହାନ୍ତି । (ଅର୍ଥାତ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କର ପ୍ରଥମ ବିଶ୍ୱାସକାରୀ ହେବାର ଉଦାହରଣ ପ୍ରଦର୍ଶନ କଲେ ଏବଂ ନିଜର ପ୍ରତିଜ୍ଞା ନିଜ ଅନ୍ତିମ ସମୟ ପର୍ଯ୍ୟନ୍ତ ସମ୍ପାଦନ କଲେ । ପୁନଶ୍ଚ ମୃତ୍ୟୁ ଅନ୍ତେ ମଧ ହଜୁର ସ:ଆ:ସଙ୍କର ପବିତ୍ର ସଙ୍ଗତ୍ୱ ଛାଡ଼ିଲେ ନାହିଁ ) ।

***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୩୭୨-୩୭୪)***

ହଜରତ ମସିହ ମଉଦ ଆ:ସ ସୁରେ ରହମାନ୍‌ର ପଂକ୍ତି ୱଲିମନ୍ ଖାଫା ମକାମା ରବ୍‌ବିହି ଜନ୍ନାତାନ୍(ଅର୍‌ରହ୍‌ମାନ୍:୪୭) ଅର୍ଥାତ ଯେ କେହି ନିଜ ପ୍ରଭୁଙ୍କୁ ଭୟ କରୁଛି ତାହା ପାଇଁ ଦୁଇଟି ବୈକୁଣ୍ଠ ନିୟତ ରହିଛି'ର ବ୍ୟାଖ୍ୟା କରି କୁହନ୍ତି; ହଜରତ ଅବୁବକର ର:ଅ ଙ୍କ ଉଦାହରଣ ଦେଇ କହିଛନ୍ତି ଯେ ହଜରତ ଅବୁ ବକର୍ ର:ଅଙ୍କୁ ଦେଖନ୍ତୁ ଯେବେ ସେ ସିରିଆରୁ ଲେଉଟୁଥିଲେ, ସେତେବେଳେ ରାସ୍ତାରେ ଜଣେ ଲୋକ ତାଙ୍କୁ ସାକ୍ଷାତ କଲେ । ସେ ତାଙ୍କୁ ପଚାରିଲେ ଯେ, କୌଣସି ତାଜା ଖବର ଶୁଣାଓ । ସେହି ଲୋକ ଜଣକ ଉତର ଦେଲା ଯେ କୌଣସି ତାଜା ଖବର ନାହିଁ ହଁ ଗୋଟିଏ ଅଛି ଯେ ତୁମର ବନ୍ଧୁ ମୁହମ୍ମଦ (ସ:ଆ:ସ) ପୈଗମ୍ବରୀ (ଅବତାରତ୍ୱ)ର ଦାବି କରିଛନ୍ତି । ଏଥିରେ ଅବୁ ବକର୍ ସିଦ୍ଦିକ୍ ର:ଅ ତାଙ୍କୁ କହିଲେ ଯେ ଯଦି ସେ ନବୁଓ୍ୱତ୍‌ର ଦାବି କରିଛନ୍ତି ତା'ହେଲେ ସେ ସତ କହୁଛନ୍ତି । ସେ କେବେ ବି ମିଥ୍ୟାବାଦୀ ହୋଇ ନପାରନ୍ତି । ତା'ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅ ସିଧା ହଜରତ ନବୀ କରିମ୍ ସ:ଆ:ସଙ୍କ ଘରକୁ ଚାଲିଗଲେ ଏବଂ ମହାଭାଗ ସ:ଆ:ସଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣ ସାକ୍ଷି ରହନ୍ତୁ ଯେ ସର୍ବ ପ୍ରଥମେ ମୁଁ ଆପଣଙ୍କ ଉପରେ ଇମାନ୍ (ବିଶ୍ୱାସ) ଆଣିଅଛି । ଦେଖ ସେ ଆଁ ହଜରତ ସ:ଆ:ସଙ୍କ ନିକଟରୁ କୌଣସି ଐଶିଚମତ୍କାର ମାଗିନଥିଲେ । କେବଳ ପ୍ରଥମ ସାକ୍ଷାତକାରର ବର୍‌କତ୍‌ରୁ ହିଁ ଇମାନ୍ ନେଇ ଆସିଥିଲେ । ମନେରଖ ଐଶି ଚମତ୍କାର ସେମାନେ ମାଗିଥାନ୍ତି ଯେଉଁମାନେ ପରିଚିତ ନଥାନ୍ତି ।

ଯିଏ ପିଲାଦିନର ସାଥି ଥାଏ ତା' ପାଇଁ ପୂର୍ବବର୍ତୀ ଅବସ୍ଥା ହିଁ ଚମତ୍କାର ହୋଇଥାଏ । ତା'ପରେ ହଜରତ ଅବୁ ବକର୍ ର:ଅଙ୍କୁ ବଡ଼ ବଡ଼ କଷଣ ସହ୍ୟ କରିବାକୁ ପଡ଼ିଥିଲା । ଯେ ସବୁଠାରୁ ଅଧିକ ଉତ୍ପୀଡ଼ନାର ଶିକାର ହୋଇଥିଲେ । କିନ୍ତୁ ଦେଶ ଯଦି ସବୁଠାରୁ ଅଧିକା ତାଙ୍କୁ ଦୁଃଖ ଦିଆଯାଇଥିଲା ଓ ଯାହାଙ୍କୁ ସବୁଠାରୁ ଅଧିକା କଷଣ ଦିଆଯାଇଥିଲା ତାଙ୍କୁ ହିଁ ସର୍ବପ୍ରଥମେ ନିଜ ପ୍ରିୟ ମୁନିବଙ୍କ ଅନ୍ତେ ଅବତାରତ୍ୱର ଆସନରେ ବିରାଜିତ କରାଗଲା" । **ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲା ଆପଣଙ୍କୁ ଏହି ଭବ ସଂସାରରେ ପୁରଷ୍କୃତ କଲେ (ଅର୍ଥାତ ହଜୁର ସ.ଅଙ୍କ ଦେହାନ୍ତ ପରେ ଆପଣଙ୍କୁ ପ୍ରଥମ ଖଲିଫା ରୂପେ ଚୟନ କଲେ) ଏବଂ ପରକାଳରେ ମଧ ବୈକୁଣ୍ଠର ସୁସମାଚାର ପ୍ରଦାନ କଲେ ।** କେଉଁଠି ସେହି ବାଣିଜ୍ୟ, ଯେଉଁଠି ସାରାଦିନ ଧକା ଖାଉଥିଲେ ଏବଂ କେଉଁଠି ଏ ସ୍ତର ମିଳିଲା ଯେ ଆଁ ହଜରତ ସ:ଆ:ସଙ୍କ ପରେ ସର୍ବ ପ୍ରଥମ ଖଲିଫା ଭାବରେ ତାଙ୍କୁ ନିୟୋଜିତ କରାଗଲା ।"

***(ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃ-୭୮-୭୯)***

ପୁଣି ଗୋଟିଏ ସ୍ଥାନରେ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି "ମରିଷ ଦୁଇ ପ୍ରକାରର ଥା'ନ୍ତି । ଗୋଟିଏ ହେଉଛି ସେହି ପୂଣ୍ୟ ସ୍ୱଭାବର ବ୍ୟକ୍ତି ଯିଏ ପ୍ରଥମେ ବିଶ୍ୱାସ ଆଣିଥାନ୍ତି । ଏମାନେ ବନ ଦୂରଦ୍ରଷ୍ଟା ଓ ଚିନ୍ତାଶୀଳ ହୋଇଥାନ୍ତି ଯେମିତି ହଜରତ ଅବୁ ବକର୍ ର:ଅ ଥିଲେ । ଆଉ ଗୋଟିଏ ପ୍ରକାରର ଲୋକେ ମୂର୍ଖ ଥାନ୍ତି, ଯେତେବେଳେ ମୁଣ୍ଡ ଉପରେ ପଡ଼ିଥାଏ, ସେତେବେଳେ କିଛିଟା ହଲ୍‌ଚଲ୍ ହୋଇଥାନ୍ତି" ***(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୨୬୧)*** ଅର୍ଥାତ ଯେବେ କୌଣସି ଅସୁବିଧାରେ ପଡ଼ିଥାନ୍ତି, ଐଶିଦଣ୍ଡ ମିଳିଥାଏ, ସେତେବେଳେ ଚିନ୍ତା କରିଥାନ୍ତି ଯେ ମାନିବା ଉଚିତ କି ନୁହେଁ ।

ଏ ବିଷୟରେ ମଧ ତର୍କବିତର୍କ ହୋଇଥାଏ ଯେ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ସର୍ବପ୍ରଥମେ କିଏ ଇମାନ୍ (ବିଶ୍ୱାସ) ଆଣିଥିଲେ ?

ଐତିହାସିକଙ୍କ ଦୃଷ୍ଟିରେ ଏ ବିଷୟରେ ମତପାର୍ଥକ୍ୟ ରହିଛି ଯେ ପୁରୁଷମାନଙ୍କ ମଧ୍ୟରେ ସର୍ବପ୍ରଥମେ କିଏ ବିଶ୍ୱାସ ଆଣିଥିଲେ ହଜରତ ଅବୁ ବକର୍ ର:ଅ ବା ହଜରତ ଅଲୀ ର:ଅ ବା ହଜରତ ଜୈଦ୍ ବିନ୍ ହାରିସା ର:ଅ ***(ସୁବୁହୁଲ୍ ହୁଦା..... ଖଣ୍ଡ-୨, ପୃ-୩୦୦-୩୦୪......୧୯୯୩) (ତାରିଖେ ତିବ୍‌ରୀ, ଖଣ୍ଡ-୧, ପୃ-୫୩୭-୫୪୦..... ବେରୁତ)*** ଅର୍ଥାତ ପୁରୁଷମାନଙ୍କ ମଧ୍ୟରେ ସର୍ବପ୍ରଥମେ ବିଶ୍ୱାସ ଆଣିଥିବା ବ୍ୟକ୍ତିଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଛି ।

କିଛି ଲୋକ ଏହାର ସମାଧାନ ବାହାର କରିଛନ୍ତି ଯେ ପିଲାମାନଙ୍କ ମଧ୍ୟରେ ହଜରତ ଅଲୀ ର:ଅ, ବଡ଼ମାନଙ୍କ ମଧ୍ୟରେ ହଜରତ ଅବୁ ବକର୍ ର:ଅ ଏବଂ ଗୁଲାମ୍‌ମାନଙ୍କ ମଧ୍ୟରେ ହଜରତ ଜୈଦ୍ ର:ଅ ସର୍ବପ୍ରଥମେ ଇମାନ୍ ଆଣିଥିଲେ । ଅତଏବ ଅଲାମାଃ ଅହମଦ ବିନ୍ ଅବଦ୍ଦୁଲ୍ଲାଃ ଲେଖିଛନ୍ତି; ଯେ ସର୍ବପ୍ରଥମେ ହଜରତ ଖଦିଜା ବିନ୍‌ତେ ଖୁଓ୍ୱେଲିଦ୍ ର:ଅ ଇସ୍‌ଲାମ୍ ଗ୍ରହଣ କରିଥିଲେ ଓ ପୁରୁଷମାନଙ୍କ ମଧ୍ୟରେ ସର୍ବପ୍ରଥମେ ହଜରତ ଅଲୀ ର:ଅ ଇସ୍‌ଲାମ୍ ଗ୍ରହଣ କରିଥିଲେ । ଯେବେ କି ସେ ସେତେବେଳେ ନାବାଳକ ହିଁ ଥିଲେ । ଯେମିତି କି ତାଙ୍କ ବୟସ ସମ୍ବନ୍ଧରେ ପୂର୍ବରୁ ଚର୍ଚ୍ଚା କରିଯାଇଅଛି ଯେ ତାଙ୍କର ବୟସ ଦଶ ବର୍ଷ ଥିଲା । ସେ ନିଜର ଇସ୍‌ଲାମ୍‌କୁ ଗୋପନ ରଖିଥିଲେ ଓ ଆରବମାନଙ୍କ ମଧ୍ୟରେ ପ୍ରଥମ ସାବାଳକ ଯେ ଇସଲାମ ଧର୍ମ ସ୍ୱୀକାର କରିଥିଲେ, ସେ ହଜରତ ଅବୁବକର ବିନ୍ ଅବୁ କାହାଫା ଥିଲେ । ଏବଂ ସ୍ୱାଧିନ ଗୁଲାମ୍‌ମାନଙ୍କ ମଧ୍ୟରେ ସର୍ବପ୍ରଥମେ ହଜରତ ଜୈଦ୍ ବିନ୍ ହାରିସା ର:ଅ

ଇସ୍‌ଲାମ୍ ଗ୍ରହଣ କରିଥିଲେ ।

ଏହା ସର୍ବସମ୍ମତ କଥା । ଏଥିରେ କୌଣସି ମତଭେଦ ନାହିଁ ।

*(ଅର୍‌ରିୟାଜୁନ୍ ନଜ୍‌ରାଃ..... ଖଣ୍ଡ-୧, ପୃ-୮୯.......୨୦୧୪)*

ହଜରତ ମିର୍ଜା ବଶିର ଅହେମଦ ସାହେବ ଲେଖିଛନ୍ତି; ଅବୁବକର ର:ଅ ସେହି ବ୍ୟକ୍ତି ଯେ ଗାରେ ସୋର'ରେ ଅର୍ଥାତ ସୋର୍ ନାମକ ଗୁମ୍ଫା ଭିତରେ ନିଜକୁ ହଜୁର ସ:ଆ:ସଙ୍କ ଆଜ୍ଞାବହତାରେ ନିମଗ୍ନ କରି ରଖିଥିଲେ । ସେ ସେହି ଲୋକମାନଙ୍କ ମଧ୍ୟରୁ ସର୍ବପ୍ରଥମ ବ୍ୟକ୍ତି ଥିଲେ ଯେ ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲେ ।

ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଉଲ୍ଲେଖ କରିଛନ୍ତି ଯେ ଆଁ ହଜରତ ସ:ଆ:ସ ଯେବେ ନିଜର ମିଶନ୍‌ରେ ତବ୍‌ଲିଗ୍ କରିବା ଆରମ୍ଭ କଲେ, ସର୍ବପ୍ରଥମେ ବିଶ୍ୱାସ ଆଣିଥିବା ବ୍ୟକ୍ତି ହଜରତ ଖଦିଜା ର:ଅ ଥିଲେ । ସେ ଗୋଟିଏ କ୍ଷଣ ପାଇଁ ମଧ୍ୟ ପଛଘୁଂଚା ଦେଇନାହାନ୍ତି । ହଜରତ ଖଦିଜାଙ୍କ ପରେ ପୁରୁଷମାନଙ୍କ ମଧ୍ୟରେ ସର୍ବପ୍ରଥମେ ବିଶ୍ୱାସ ଆଣିଥିବା ଲୋକମାନଙ୍କ ସମ୍ବନ୍ଧରେ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ରହିଛି । କିଛି ଲୋକ ହଜରତ ଅବୁ ବକର୍ ର:ଅଙ୍କ ନାମ ନେଉଛନ୍ତି, କିଛି ହଜରତ ଅଲୀ ତ ଆଉ କିଛି ହଜରତ ଜୈଦ୍ ବିନ୍ ହାରିସା ର:ଅଙ୍କର ନାମ ବର୍ଣ୍ଣନା କରିଛନ୍ତି କିନ୍ତୁ ସେ ଲେଖିଛନ୍ତି ଯେ ଆମ ନିକଟରେ ଏପରି ତର୍କ କରିବା ବ୍ୟର୍ଥ । କାରଣ ହଜରତ ଅଲୀ ର:ଅ ଓ ହଜରତ ଜୈଦ୍ ବିନ୍ ହାରିସା ଆଁ ହଜରତ ସ:ଆ:ସଙ୍କ ଘର ଲୋକ ଥିଲେ ଓ ତାଙ୍କ ପିଲାମାନଙ୍କ ସଦୃଶ ତାଙ୍କ ସାଙ୍ଗରେ ରହୁଥିଲେ । ଆଁ ହଜରତ ସ:ଆ:ସ ଯାହା କିଛି ଆଦେଶ ଦେଉଥିଲେ, ସେମାନେ ନିଜ ପିଲାମାନଙ୍କ ପରି କଥା ମାନୁଥିଲେ । ସମ୍ଭବତଃ ସେମାନେ ସେତେବେଳେ ଏହିପରି ମାନି ନେଇଥିବେ । ପୁଣି ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ର:ଅ ଲେଖିଛନ୍ତି ଯେ ଯଦି ସେହି ଦୁଇଜଣ ପିଲାଙ୍କୁ ଅଲଗା ରଖାଯାଏ ତା'ହେଲେ ହଜରତ ଅବୁ ବକର୍ ର:ଅ ନିଶ୍ଚିତ ରୂପେ ସର୍ବପ୍ରଥମ ବିଶ୍ୱାସକାରୀ ଅର୍ଥାତ ଆଁ ହଜରତ ସ:ଆ:ସଙ୍କ ଉପରେ ପ୍ରଥମେ ଇମାନ୍ ଆଣିଥିଲେ । ଅତଏବ ଆଁ ହଜରତ ସ:ଆ:ସଙ୍କ ଦରବାରୀ କବି ହସାନ୍ ବିନ୍ ସାବିତ୍ ର:ଅ ଅନ୍‌ସାରୀ ହଜରତ ଅବୁ ବକର୍ ର:ଅଙ୍କ ସମ୍ବନ୍ଧରେ ନିମ୍ନଲିଖିତ ପଦ କହିଛନ୍ତି:-

**ଇଜା ତଜକ୍‌କରତା ଶଜ୍‌ୱନ୍ ମିନ୍ ଅଖି ସିକତିନ୍**

**ଫଜ୍‌କୁର୍ ଅଖାକା ଆବା ବକ୍‌ରିନ୍ ବିମା ଫଅଲା**

**ଖୈରଲ୍ ବରିୟାଃ ଅତ୍‌କାହା ୱ ଆଦାଲହା**

**ବାଦନ୍ ନବୀୟି ୱ ଅଓଫାହା ବିମା ହମଲା**

**ଅସସାନିୟତ୍ ତାଲିୟା ଅଲ୍‌ମହ୍‌ମୁଦା ମଶ୍‌ହଦୁହୁ**

**ୱ ଅୱ୍‌ୱଲନ୍ ନାସି ମିନ୍‌ହୁମ୍ ସଦ୍ଦକଲ୍ ରସୁଲା**

ଅର୍ଥାତ:- ଯେବେ ତୁମ ମନ ଭିତରେ କେବେ କୌଣସି ବ୍ୟଥା ବେଦନା ବା ତୁମର କୌଣସି ଭଲ ଭାଇଙ୍କ ସମ୍ବନ୍ଧରେ କିଛି ସୃଷ୍ଟି ହେବ, ସେତେବେଳେ ତୁମ ଭାଇ ହଜରତ ଅବୁ ବକର୍ ର:ଅଙ୍କ ମଧ୍ୟ ମନେପକାଇବ । ତାଙ୍କର ସେହି ଭଲ ଗୁଣଗୁଡ଼ିକ ତାଙ୍କୁ ମନେ ରଖିବା ଯୋଗ୍ୟ ବନାଇ ଦେଇଛଇ । ସେ ଆଁ ହଜରତ ସ:ଆ:ସଙ୍କ ପରେ ଲୋକମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ଅଧିକା ଧର୍ମ ପରାୟଣ ଥିଲେ । ସମସ୍ତଙ୍କଠାରୁ ଅଧିକା ନ୍ୟାୟବନ୍ତ ଥିଲେ । ସମସ୍ତଙ୍କଠାରୁ ଅଧିକା ନିଜର ଦାୟିତ୍ୱକୁ ପୁରଣ କାରୀ ଥିଲେ ଏବଂ ସେ ନିଜର ଦାୟିତ୍ୱକୁ ଖୁବ ନିର୍ବାହ କରିଛନ୍ତି । ହଁ ହଜରତ ଅବୁ ବକର୍ ର:ଅ ହେଉଛନ୍ତି ସେହି ବ୍ୟକ୍ତି ଯିଏ ସୋର ନାମକ ଗୁମ୍ଫା ମଧ୍ୟରେ ଆଁ ହଜରତ ସ:ଆ:ସଙ୍କ ସହିତ ଦ୍ୱିତୀୟ ବ୍ୟକ୍ତି ଥିଲେ, ଯିଏ ନିଜକୁ ମହାଭାଗ ସ:ଆ:ସଙ୍କ ଆଜ୍ଞାବହତାରେ ସମ୍ପୁର୍ଣ୍ଣ ରୂପେ ମଗ୍ନ ହୋଇଯାଇଥିଲେ ଏବଂ ସେ ଯେଉଁ କାମରେ ମଧ୍ୟ ହାତ ରଖୁଥିଲେ ତାହାକୁ ସୁନ୍ଦର ଭାବରେ ତୁଲାଇ ଥିଲେ ଏବଂ ସେହି ସମସ୍ତ ଲୋକମାନଙ୍କ ମଧ୍ୟରେ ରସୁଲ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିବା ପ୍ରଥମ ବ୍ୟକ୍ତି ଥିଲେ ।

ହଜରତ ଅବୁ ବକର୍ ର:ଅ ନିଜର ଭଦ୍ରତା ଓ ଯୋଗ୍ୟତା ଯୋଗୁଁ କୁରୈଶ୍ ସମ୍ପ୍ରଦାୟର ବହୁତ ପ୍ରଶିଦ୍ଧ ଓ ସମ୍ମାନିତ ଥିଲେ । ଇସ୍‌ଲାମ୍‌ରେ ତାଙ୍କୁ ସେହି ପଦମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ଯାହା ଅନ୍ୟ କୌଣସି ସାହାବାମାନଙ୍କୁ ପ୍ରାପ୍ତ ହୋଇନାହିଁ । ହଜରତ ଅବୁ ବକର୍ ର:ଅ କ୍ଷଣକ ପାଇଁ ମଧ୍ୟ ଆଁ ହଜରତ ସ:ଆ:ସଙ୍କ ଦାବି ଉପରେ ସନ୍ଦେହ କଲେନାହିଁ ବରଂ ଶୁଣିବା ସଙ୍ଗେ ସଙ୍ଗେ ଗ୍ରହଣ କରିନେଲେ । ପୁଣି ନିଜର ସମସ୍ତ ଧ୍ୟାନ, ନିଜର ଧନ ସମ୍ପତି ଓ ନିଜ ଜୀବନକୁ ଆଁ ହଜରତ ସ:ଆ:ସ ଆଣିଥିବା ଧର୍ମର ସେବାର ଉତ୍ସର୍ଗ କରିଦେଇଥିଲେ । ଆଁ ହଜରତ ସ:ଆ:ସ ନିଜ ସାହାବାମାନଙ୍କ ମଧ୍ୟରେ ଅବୁ ବକର୍ ର:ଅଙ୍କୁ ଅଧିକ ଭଲ ପାଉଥିଲେ ଓ ମହାଭାଗ ସ:ଆ:ସଙ୍କ ମୃତ୍ୟୁ ପରେ ସେ ଆପଣ ସ:ଆ:ସଙ୍କ ପ୍ରଥମ ଖଲିଫା ହେଲେ । ନିଜ ଖିଲାଫତ୍ କାଳରେ ମଧ୍ୟ ସେ ଅସାଧାରଣ ଯୋଗ୍ୟତାର ପ୍ରମାଣ ଦେଇଥିଲେ । ହଜରତ ଅବୁ ବକର୍ ର:ଅଙ୍କ ସମ୍ବନ୍ଧରେ ୟୁରୋପର ସୁପ୍ରସିଦ୍ଧ ଐତିହାସିକ ସ୍ପ୍ରେଙ୍ଗର୍(Sprenger) ଲେଖିଛନ୍ତି ଯେ; ଇସଲାମର ପ୍ରାରମ୍ଭିକ ପର୍ଯ୍ୟାୟରେ ଅବୁବକର ର.ଅଙ୍କର ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବା, ଏହି କଥାର ସବୁଠାରୁ ବଡ଼ ପ୍ରମାଣ ଯେ ମୁହମ୍ମଦ (ସ:ଆ:ସ) ଧୋକା ଖାଇପାରନ୍ତି କିନ୍ତୁ ଧୋକା ଦେବାବାଲା ତଥା ବିଶ୍ୱାସଘାତୀ କଦାପି ନଥିଲେ ବରଂ ସତ୍‌ଚିତରେ ନିଜକୁ ଈଶ୍ୱରଙ୍କ ରସୁଲ୍ (ଦୂତ) ଭାବରେ ବିଶ୍ୱାସ କରୁଥିଲେ । ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଲେଖିଛନ୍ତି ଯେ ସର୍ ଉଇଲିୟମ୍ ମିଓର ମଧ୍ୟ **ସ୍ପ୍ରେଙ୍ଗର୍(Sprenger)ର ଏହି ମନ୍ତବ୍ୟର ପୂର୍ଣ୍ଣ ସମର୍ଥନ କରିଛନ୍ତି ।** *(ଉଦ୍ଧୃତ ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୧୨୧-୧୨୨)*

ଅସଦୁଲ୍ ଗାବା'ରେ ଉଲ୍ଲେଖ ରହିଛି, ହଜରତ ଅବୁବକର ର:ଅଙ୍କର ପ୍ରେମ, ସତ୍‌କର୍ମ ଓ ଧର୍ମନିଷ୍ଠତା ଯୋଗୁଁ ହଜୁର ସ:ଆ:ସଙ୍କ ପରେ ମୁସଲମାନମାନେ ନିର୍ଦ୍ୱନ୍ଦ୍ୱରେ ଆପଣଙ୍କ ହସ୍ତରେ ଏକତ୍ରିତ ହୋଇଗଲେ । ଏପରିକି ଅଶ୍‌ରା ମୁବଶରାଃଙ୍କ ମଧ୍ୟରୁ ୫ଜଣ ସାହାବୀ (ଅର୍ଥାତ ହଜରତ ଉସମାନ ବିନ୍ ଅଫାନ ର:ଅ, ହଜରତ ଯୁବୈର୍ ବିନ୍ ଅୱାମ୍ ର:ଅ, ହଜରତ ଅବଦ୍ଦୁର ରହେମାନ୍ ବିନ୍ ଅୱ୍‌ଫ ର:ଅ, ହଜରତ ସାଦ୍ ବିନ୍ ଅବି ୱକାସ୍ ର:ଅ, ହଜରତ ତଲହା ବିନ୍ ଅବଦୁଲ୍ଲାଃ ର:ଅ ଇତ୍ୟାଦି ଆପଣଙ୍କ ହସ୍ତରେ ବୈଅତ କରିନେଲେ) ।

*(ଉସୁଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୨୦୫........ ବେରୁତ ୨୦୦୩)*

ହଜରତ ମିର୍ଜା ବଶିର ଅହେମଦ ସାହେବ ନିଜର ପୁସ୍ତକ ସିରତ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି; ଏ ସମସ୍ତେ ଏପରି ବିଶିଷ୍ଟ ଓ ଉଚ୍ଚପଦସ୍ଥ ସାହାବା ଥିଲେ, ଯାହାଙ୍କୁ ସ୍ୱୟଂ ହଜୁର ସ:ଆ:ସ ବୈକୁଣ୍ଠବାସୀ ହେବାର ସୁସମାଚାର ପ୍ରଦାନ କରିଥିଲେ । ସେମାନେ ହଜୁର ସ:ଆ:ସଙ୍କର ଅତି ନିକଟତମ ସାହାବୀ ଓ ପରାମର୍ଶଦାତା ଥିଲେ । ସେମାନଙ୍କର ନାମ ହେଉଛି ଏପରି ପ୍ରଥମ- ହଜରତ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ ଯିଏ ବନୁ ଉମୈୟା ବଂଶର ଥିଲେ । ଇସ୍‌ଲାମ୍ ଗ୍ରହଣ କରିବା ସମୟରେ ତାଙ୍କର ବୟସ ଊଣା ଅଧିକେ ତିରିଶି ବର୍ଷ ଥିଲା । ହଜରତ ଉମର ର:ଅଙ୍କ ପରେ ସେ ଆଁ ହଜରତ ସ:ଆ:ସଙ୍କ ର ତୃତୀୟ ଖଲିଫା ହୋଇଥିଲେ । ହଜରତ ଉସ୍‌ମାନ୍ ଅତ୍ୟନ୍ତ ଲଜ୍ଜାଶୀଳ, ନିଷ୍ଠାବାନ୍, ନମ୍ର, ଦାନୀ ଓ ଧନୀ ବ୍ୟକ୍ତି ଥିଲେ । ଅତଏବ ଅନେକ ଅବସରରେ ସେ ଇସ୍‌ଲାମ୍‌ର ବହୁତ ସାହାଯ୍ୟ କରିଛନ୍ତି । ହଜରତ ଉସ୍‌ମାନ୍ ର:ଅଙ୍କ ସହିତ ଆଁ ହଜରତ ସ:ଆ:ସଙ୍କର ପ୍ରେମର ଅନ୍ଦାଜା ଏହି କଥାରୁ ଜାଣିପାରିବେ ଯେ ମହାଭାଗ ସ:ଆ:ସ ତାଙ୍କୁ ଜଣକ ପରେ ଜଣେ କରି ଦୁଇଜଣ ଝିଅଙ୍କୁ ବାହା କରାଇଥିଲେ । ସେଥିଯୋଗୁଁ **ଜୁନ୍ ନୁରୈନ୍** କୁହାଯାଉଥିଲା ।

ଦ୍ୱିତୀୟରେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଥିଲେ ଯିଏ ବନୁ ଜୁହ୍‌ରା ବଂଶର ଥିଲେ । ସେହି ବଂଶର ଝିଅ ଆଁ ହଜରତ ସ:ଆ:ସଙ୍କ ମାଆ ଥିଲେ । ସେ ଅତ୍ୟନ୍ତ ବୁଦ୍ଧିମାନ ଏବଂ ଅତି ସରଳ ପ୍ରକୃତିର ଲୋକ ଥିଲେ । ଇସ୍‌ଲାମ୍ ଆଶିବା ସମୟରେ ତାଙ୍କ ବୟସ ଊଣା ଅଧିକେ ତିରିଶି ବର୍ଷ ଥିଲା । ହଜରତ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍‌ର ମାମଲା ତାଙ୍କ ହାତରେ ଧାର୍ଯ୍ୟ ହୋଇଥିଲା । ସେ ଅର୍ଥାତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଥିଲେ ।

ତୃତୀୟରେ ସାଆଦ୍ ବିନ୍ ଅବି ୱକାସ୍ ଥିଲେ । ଯିଏ ସେତେବେଳେ ସମ୍ପୁର୍ଣ୍ଣ ଯୁବକ ଥିଲେ । ତାଙ୍କ ବୟସ କେବଳ ୧୯ ବର୍ଷ ହୋଇଥିଲା । ସେ ମଧ୍ୟ ବନି ଜୁହ୍‌ରା ବଂଶର ଥିଲେ । ଅତ୍ୟନ୍ତ ସାହାସୀ ବ୍ୟକ୍ତି ଥିଲେ । ହଜରତ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ଇରାକ୍ ଦେଶ ତାଙ୍କ ହାତରେ ବିଜୟ ହେଲା । ସେ ଅମୀର୍ ମାୱିୟାଙ୍କ ସମୟରେ ମୃତ୍ୟୁବରଣ କରିଥିଲେ ।

ଚତୁର୍ଥରେ ଜୁବୈର୍ ବିନ୍ ଅୱାମ୍ ର:ଅ ଥିଲେ ଯିଏ ଆଁ ହଜରତ ସ:ଆ:ସଙ୍କ ପିଉସି ପୁଅ ଭାଇ ଥିଲେ । ସେ ସଫିୟା ବିନ୍ତ୍ ଅବ୍‌ଦୁଲ୍ ମୁତ୍‌ଲବ୍‌ଙ୍କ ପୁତ୍ର ଥବଲେ । ପୁଣି ପରେ ହଜରତ ଅବୁ ବକର୍ ର:ଅଙ୍କ ଜ୍ୱାଇଁ ହେଲେ । ସେ ବନୁ ଅସଦ୍ କବିଲାର ଥିଲେ ଏବଂ ଇସ୍‌ଲାମ୍ ଗ୍ରହଣ କରିବା ସମୟରେ ତାଙ୍କର ବୟସ କେବଳ ପନ୍ଦର ବର୍ଷ ହୋଇଥିଲା । ଆଁ ହଜରତ ସ:ଆ:ସ ଜୁବୈର୍ ର:ଅଙ୍କୁ ଖନ୍ଦକ ଯୁଦ୍ଧ ଅବସରରେ ଗୋଟିଏ ବିଶେଷ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ତାଙ୍କୁ "ହୱାରି"'ର ସମ୍ବୋଧନ କରିଥିଲେ । ଜୁବୈର୍ ହଜରତ ଅଲୀ ର:ଅଙ୍କ ଖିଲାଫତ୍ ସମୟରେ ଜମଲ୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ ।

ପଂଚମ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଥିଲେ । ସେ ହଜରତ ଅବୁ ବକର୍ ର:ଅଙ୍କ ବଂଶର ଥିଲେ । ଅର୍ଥାତ ବନୁ ତୟିମ୍‌ର ଥିଲେ ସେତେବେଳେ ସେ ସମ୍ପୁର୍ଣ୍ଣ ରୂପେ ଯୁବକ ଥିଲେ । ସେ ମଧ୍ୟ ଇସ୍‌ଲାମ୍ ପାଇଁ ବିଶେଷ ବଳିଦାନ ଦେଇଛନ୍ତି । ହଜରତ ଅଲୀ ର:ଅଙ୍କ ଖିଲାଫତ୍ ସମୟରେ ଜମଲ୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ ।

ଏମାନେ ଅସ୍‌ହାବେ ଅଶ୍‌ରା ମୁବଶରାଃ ମଧ୍ୟରେ ଥିଲେ ଅର୍ଥାତ ସେହି ଦଶଜଣ ଲୋକଙ୍କ ମଧ୍ୟରେ, ଯେଉଁମାନଙ୍କୁ ଆଁ ହଜରତ ସ:ଆ:ସ ନିଜ ପବିତ୍ର ମୁହଁରେ ବିଶେଷ ଭାବରେ ବୈକୁଣ୍ଠପ୍ରାପ୍ତି କରିବେ ବୋଲି ସୁସମାଚାର ଦେଇଥିଲେ । ଏମାନେ ଆଁ ହଜରତ ସ:ଆ:ସଙ୍କର ଅତ୍ୟନ୍ତ ନିକଟବର୍ତୀ ସାହାବି ତଥା ପରାମର୍ଶ ଦାତା ଭାବରେ ପରିଗଣିତ ହେଉଥିଲେ ।" *(ସିରତ୍ ଖାତ୍‌ମୁନ୍ ନବୀୟିନ୍, ପୃ-୧୨୨-୧୨୩)*

ମକ୍କାର ଅମାନ୍ୟକାରୀଗଣ ଇସଲାମ ଧର୍ମରେ ଦୀକ୍ଷିତ ହେଉଥିବା ଲୋକମାନଙ୍କ ଉପରେ ଭୀଷଣ ଅତ୍ୟାଚାର କରୁଥିଲେ । କେବଳ ଦୁର୍ବଳ ଶ୍ରେଣୀ ଏବଂ କ୍ରୀତଦାସଙ୍କୁ ନିର୍ଯ୍ୟାତନା ଓ କଷଣ ଦେଉ ନଥିଲେ ବରଂ ସେମାନଙ୍କର ଏହି ଅନ୍ୟାୟ ଅତ୍ୟାଚାରରୁ ହଜୁର ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଓ ହଜରତ ଅବୁବକର ର:ଅ ମଧ୍ୟ ବଂଚିତ ନଥିଲେ । ସିରତ୍ ହଲ୍‌ବିୟା'ରେ ଉଲ୍ଲେଖ ରହିଛି ଏକଦା କୁରୈଶର ବାଘ ବୋଲାଉଥିବା ନଓ୍ୱଫିଲ୍ ବିନ୍ ଅଦୱୀୟା ହଜରତ ଅବୁବକର ର:ଅ ଓ ହଜରତ ତଲହା ର:ଅଙ୍କୁ ସ୍ୱଧର୍ମ ଇସଲାମର ପରିପ୍ରକାଶ କରିବା ଫଳରେ ତାଙ୍କୁ ଧରି ଗୋଟିଏ ଦଉଡ଼ିରେ ବାନ୍ଧି ଦେଲେ । ଏଥିଯୋଗୁଁ ହଜରତ ଅବୁବକର ର:ଅ ଓ ହଜରତ ତଲହା ର:ଅଙ୍କୁ କରନେନ୍ ବୋଲି

କୁହାଯାଏ । ଅର୍ଥାତ ପରସ୍ପର ସହିତ ମିଳିତ ହୋଇଥିବା ଦୁଇ ସାଥି । ନୌଫିଲ୍ ବିନ୍ ଅଦୁୱିୟାର ଶକ୍ତି ଓ ତା'ର ଅତ୍ୟାଚାର ଯୋଗୁଁ ଆଁ ହଜରତ ସ:ଆ:ସ ଏହା କହୁଥିଲେ ଯେ **ଅଲ୍ଲାହୁମ୍ମା ଇକ୍‌ଫିନା ଶର୍‌ରା ଇବ୍‌ନିଲ୍ ଅଦୱିୟା** ଅର୍ଥାତ ହେ ଅଲ୍ଲାଃ ! ଇବ୍‌ନେ ଅଦୱିୟାଙ୍କ ଦୁଷ୍ଟାମି ମୁକାବିଲାରେ ଆମ ପାଇଁ ତୁମ୍ଭେ ଯଥେଷ୍ଟ ହୋଇଯାଅ ।

***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୧, ପୃ-୩୯୫....... ବେରୁତ ୨୦୦୨)***

ଅର୍‌ୱା ବିନ୍ ଜୁବୈର୍ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ବିନ୍ ଆସ୍‌ଙ୍କୁ ସେ ପଚାରିଲେ ଯେ ଏପରି କୁବ୍ୟବହାର ସମ୍ବନ୍ଧରେ ଆପଣ ମତେ ବତାନ୍ତୁ ଯାହା ମୁସ୍‌ରିକ୍ ମାନେ ନବୀ କରିମ୍ ସ:ଆ:ସଙ୍କ ସହିତ କରିଥିବେ । ସେ କହିଲେ ଯେ ଏକଦା ହଜୁର ସ:ଆ:ସ ମସଜିଦ୍ ହରାମ୍‌ର ହତିମ୍ ଠାରେ ନମାଜ ପାଠ କରୁଥିଲେ ଯେ ଉକବା ବିନ୍ ଅବି ମୁଈତ୍ ଆପଣଙ୍କ ଗଳାରେ କପଡ଼ା ପକାଇ ଖୁବ୍ ଜୋରରେ ଚିପିଲା । ଇତିମଧ୍ୟରେ ହଜରତ ଅବୁବକର ର:ଅ ସେଠାରେ ଆସି ପହଂଚିଗଲେ, ସେ ଉକବାଃକୁ ଧକ୍କା ଦେଇ ହଜୁର ସ:ଆ:ସଙ୍କୁ ରକ୍ଷା କଲେ ଏବଂ କହିଲେ; **ଆତକ୍ ତୁଲୁନା ରଜୁଲନ୍ ଅଁଇ ୟକୁଲା ରବ୍‌ବି ୟଲ୍ଲାଃ** (ଅଲ୍‌ମୁମିନ୍:୨୯) ଅର୍ଥାତ କ'ଣ ତୁମେମାନେ କେବଳ ଏଥିସକାଶେ ଜଣେ (ମହାତ୍ମାଙ୍କୁ) ହତ୍ୟା କରିବାକୁ ଚାହୁଁଛ ଯେ ସେ କହୁଛନ୍ତି, ମୋ ପାଳନକର୍ତ୍ତା ଅଲ୍ଲାଃ ଅଟନ୍ତି ।

***(ସହି ବୁଖାରୀ...... ହଦିସ୍ ନଂ-୩୮୫୬)***

ଆଉ ଏକ ବର୍ଣ୍ଣନାନୁଯାୟୀ ଏକଦା ମୁସ୍‌ରିକ୍‌ମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପଚାରିଲେ ଯେ କ'ଣ ତୁମେ ଆମ ଠାକୁରମାନଙ୍କୁ ଏକଥା କହିନାହଁ? ଏଥିରେ ମହାଭାଗ ସ:ଆ:ସ କହିଲେ ହଁ ମୁଁ କହିଛି । ପୁଣି ମସଜିଦେ୍ ହରାମ୍‌ରେ ଅମାନ୍ୟକାରୀମାନେ ହଜୁର ସ:ଆ:ସଙ୍କୁ ଚାରିପଟୁ ଘେରିଗଲେ । ହଜରତ ଅବୁବକର ର:ଅଙ୍କୁ ଯେତେବେଳେ ଏହାର ସୂଚନା ମିଳିଲା, ଆପଣ ଅବିଳମ୍ବେ ସେଠାରେ ଯାଇ ପହଂଚିଗଲେ ଏବଂ କହିଲେ; **ଆତକ୍ ତୁଲୁନା ରଜୁଲନ୍ ଅଁଇ ୟକୁଲା ରବ୍‌ବି ୟଲ୍ଲାଃ ଓକଦ୍ ଜାଆକୁମ୍ ବିଲ୍ ବୈୟନାତି ମିର୍ ରବ୍‌ବିକୁମ୍** (ଅଲ୍‌ମୋମିନ୍:୨୯) ଅର୍ଥାତ କ'ଣ ତୁମେମାନେ କେବଳ ଏଥିସକାଶେ ଜଣେ (ପୁଣ୍ୟାତ୍ମାଙ୍କୁ) ହତ୍ୟା କରିବାକୁ ଚାହୁଁଛ ଯେ ସେ କହୁଛନ୍ତି ମୋ ପାଳନକର୍ତ୍ତା ଅଲ୍ଲାଃ ଅଟନ୍ତି ଏବଂ ସେ ତୁମ ନିକଟକୁ ତୁମ ପ୍ରଭୁଙ୍କ ସମୀପରୁ ସ୍ପଷ୍ଟ ନିଦର୍ଶନ ନେଇ ଆସିଛନ୍ତି । ଏଥିରେ ଅମାନ୍ୟକାରୀମାନେ ହଜୁର ସ:ଆ:ସଙ୍କୁ ଛାଡ଼ିଦେଲେ ଏବଂ ହଜରତ ଅବୁବକର ର:ଅଙ୍କୁ ପିଟିଲେ । ହଜରତ ଅବୁବକର ର:ଅଙ୍କ କନ୍ୟା ହଜରତ ଅସ୍‌ମା ର:ଅ କୁହନ୍ତି; ଆପଣ ର:ଅ ଆମ ନିକଟକୁ ଏପରି ଅବସ୍ଥାରେ ଆସିଲେ ଯେ ଆପଣ ର:ଅ ନିଜ ଚୁଟିରେ ହାତ ମାରୁଥିଲେ ତ ତାହା ଆପଣଙ୍କ ହାତରେ ଉପୁଡ଼ି ଆସୁଥିଲା ଏବଂ ଆପଣ ର:ଅ କହି ଚାଲିଥିଲେ, ଯେ **ତବାରକ୍‌ତା ୟାଯୁଲ୍ ଯଲାଲି ଓଲ୍ ଇକ୍‌ରାମ୍** ଅର୍ଥାତ ହେ ସମ୍ମାନସ୍ପଦ ଓ ମର୍ଯ୍ୟାଦା ସମ୍ପର୍ଣ୍ଣ ସତା ତୁମ୍ଭେ ଅତି କଲ୍ୟାଣକାରୀ ଅଟ ।

ଗୋଟିଏ ରିୱାୟତ ଆସୁଛି ଯେ ସେହି ଲୋକମାନେ ଆଁ ହଜରତ ସ:ଆ:ସଙ୍କ ମୁଣ୍ଡ ଓ ଦାଢ଼ିକୁ ଏତେ ଜୋର୍‌ରେ ଝିଙ୍କିଥିଲେ ଯେ ମହାଭାଗ ସ:ଆ:ସଙ୍କର ଅଧିକାଂଶ କେଶ ଉପୁଡ଼ି ଯାଇଥିଲା । ଏହା ଦେଖି ହଜରତ ଅବୁ ବକର୍ ର:ଅ ତାଙ୍କୁ ରକ୍ଷା କରିବା ପାଇଁ ଧାଇଁ ଆସି କହିଲେ **ଆ ତକ୍‌ତୁଲୁନା ରଜୁଲନ୍ ଅଁଇ ୟକୁଲା ରବ୍‌ବିୟଲ୍ଲାହୁ (ମୋମିନ୍:୨୯)** ଅର୍ଥାତ କଣ ତୁମେମାନେ କେବଳ ଏଥିସକାଶେ ଜଣେ (ପୂଣ୍ୟାତ୍ମାଙ୍କୁ) ହତ୍ୟା କରିବାକୁ ଚାହୁଁଛ ଯିଏ କେବଳ ଏହା କହୁଛନ୍ତି ଯେ ମୋ ପ୍ରଭୁ ହେଉଛନ୍ତି ଅଲ୍ଲାଃ । ହଜରତ ଅବୁ ବକର୍ ର:ଅ ଏତା କହି କାନ୍ଦି ପକାଇଲେ । ଏହା ଦେଖି ରସୁଲୁଲ୍ଲାଃ ସ:ଆ:ସ କହିଲେ:- ହେ ଅବୁ ବକର୍ ! ସେମାନଙ୍କୁ ଛାଡ଼ିଦିଅ । ମତେ ତାହାଙ୍କ ରାଣ ଯାହାଙ୍କ ହାତରେ ମୋ ଜୀବନ ଅଛି । ମୁଁ ତ ଏମାନଙ୍କ ଆଡ଼କୁ ପ୍ରେରଣ ହୋଇଅଛି ଯଦ୍ୱାରା ମୁଁ ଉତ୍ସର୍ଗ ହୋଇଯିବି । ଏହା ଶୁଣି କାଫିର୍‌ମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଛାଡ଼ି ଦେଲେ । ***(ସିର୍‌ତୁଲ୍ ହଲ୍‌ବିୟା....... ଖଣ୍ଡ-୧, ପୃ-୪୧୭....... ବେରୁତ ୨୦୦୨)*** ହଜରତ ଅଲୀ ର:ଅ କୁହନ୍ତି; ଯେ ମୋ ସହିତ ଯୁଦ୍ଧ କଲା ମୁଁ ତାହାକୁ ପରାସ୍ତ କରିଦେଲି କିନ୍ତୁ ସବୁଠାରୁ ବଡ଼ ବୀର ହଜରତ ଅବୁବକର ର:ଅ ଥିଲେ । ବଦର ଯୁଦ୍ଧରେ ହଜରତ ଅବୁବକର ର:ଅ ନିଜ ଖଣ୍ଡା ଉଠାଇ ହଜୁର ସ:ଆ:ସଙ୍କ ନିକଟରେ ଏପରି ଦଣ୍ଡାୟମାନ ରହୁଥିଲେ ଯେପରି କେହି ଜଣେ ହେଲେ ମଧ୍ୟ ଅମାନ୍ୟକାରୀ ହଜୁର ସ:ଆ:ସଙ୍କ ନିକଟରେ ପହଂଚିବା ପୂର୍ବରୁ ତାଙ୍କୁ (ଅର୍ଥାତ ହଜରତ୍ ଅବୁ ବକର୍ ର:ଅଙ୍କୁ) ଅତିକ୍ରମ କରିବା ଅନିବାର୍ଯ୍ୟ ଥିଲା । ହଜରତ ଅଲୀ ର:ଅ କୁହନ୍ତି:- ଥରକର ଘଟଣା ମୁଁ ଏପରି ଅବଲୋକନ କଲି ଯେ କୁରୈଶ୍‌ର ଲୋକମାନେ ମହାଭାଗ ସ:ଆ:ସଙ୍କୁ ଧରି ରଖିଥିଲେ । କିଏ ମହାଭାଗ ସ:ଆ:ସଙ୍କ ଉପରେ ରାଗ ସୁଝୁଥିଲା ତ ଆଉ କିଏ ତାଙ୍କୁ ହଇରାଣ ହରକତ କରୁଥିଲା । ଲୋକମାନେ ଏହା କହୁଥବଲେ ଯେ ତୁମେ ଆମମାନଙ୍କ ସମସ୍ତ ଠାକୁରଙ୍କ ବଦଳରେ ଗୋଟିଏ ଠାକୁର କରିଦେଇଛ । ଈଶ୍ୱରଙ୍କ ରାଣ ! ଯିଏ ବି ସେତେବେଳେ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଆସୁଥିଲା, ସେତେବେଳେ ହଜରତ ଅବୁ ବକର୍ ର:ଅ ସେମାନଙ୍କ ମଧ୍ୟରୁ କାହାକୁ ମାରି ତଡ଼ି ଦେଉଥିଲେ ତ ଆଉ କାହାକୁ ପାଟିତୁଣ୍ଡ କରି ଘଉଡ଼ାଉ ଥିଲେ ଓ ସେମାନଙ୍କୁ ଅଭିଶାପ ଦେଇ ଏହା କହୁଥିଲେ:- **ଆ ତକ୍‌ତୁଲୁନା ରଜୁଲନ୍ ଅଁଇ ୟକୁଲା ରବ୍‌ବିୟଲ୍ଲାହୁ (ମୋମିନ୍-୨୯)** କଣ ତୁମେ କେବଳ ଏଥିପାଇଁ ଏହି ଲୋକକୁ ହତ୍ୟା କରିବ ଯିଏ କହୁଛି ଅଲ୍ଲାଃ ହିଁ ମୋର ପାଳନ କର୍ତ୍ତା । ଅତଃ ହଜରତ ଅଲୀ ଏକଥା କହିବା ସମୟରେ ନିଜ ଚାଦରକୁ ଉଠାଇଲେ ଓ ଏତେମାତ୍ରାରେ କାନ୍ଦିଲେ ଯେ ତାଙ୍କ ଦାଢ଼ି ଭିଜିଗଲା । ପୁଣି କହିଲେ ମୁଁ ତୁମକୁ ଅଲ୍ଲାଃଙ୍କ ରାଣ ପକାଉଛି ଯେ କ'ଣ ଫିର୍‌ଔନ୍ ସମ୍ପ୍ରଦାୟରେ ଥିବା ମୋମିନ୍ (ବିଶ୍ୱାସକାରୀ)ମାନେ ଉତମ ଥବଲେ ବା ହଜରତ ଅବୁ ବକର୍ ର:ଅ ? ବୋଧ ହୁଏ ହଜରତ ଅଲୀ ର:ଅ ଆଲେ ଫିର୍‌ଔନ୍ (ଫିରୋନ୍‌ଙ୍କ ସମ୍ପ୍ରଦାୟ)ର ଚର୍ଚ୍ଚା ଏଥିପାଇଁ କରିଥିଲେ ଯେ ପବିତ୍ର କୁର୍‌ଆନ୍‌ରେ ଏହି ଆୟତ୍ ଆଲେ ଫିର୍‌ଔନ୍‌ର ସେହି ବ୍ୟକ୍ତିଙ୍କ ଆଡ଼କୁ ଇଙ୍ଗିତ ରହିଛି ଯିଏ ନିଜର ଇମାନ୍ (ବିଶ୍ୱାସ)କୁ ଲୁଚାଇ ରଖିଥିଲେ ଏବଂ ଫିର୍‌ଔନ୍ ସମ୍ବନ୍ଧରେ ଏକଥା କହିଥିଲେ ଯେ:- **ଆ ତକ୍‌ତୁଲୁନା ରଜୁଲନ୍ ଅଁଇ ୟକୁଲା ରବ୍‌ବିୟଲ୍ଲାହୁ** । ଏହା ଶୁଣି ଲୋକମାନେ ନୀରବ ହୋଇଗଲେ । । ହଜରତ ଅଲୀ ର:ଅ କୁହନ୍ତି; ଅଲ୍ଲାଃଙ୍କ ରାଣ ! **ଅବୁବକର ର:ଅଙ୍କର ଘଡ଼ିଏ ମୁହୂର୍ତ୍ତ ମଧ୍ୟ ଫିରଔନ୍‌ର ପୁଣ୍ୟବନ୍ତ ବଂଶଧରଙ୍କ ଭୂପୃଷ୍ଠରେ ଭରିଯାଇଥିବା ପୁଣ୍ୟକର୍ମ ଠାରୁ ଶ୍ରେୟସ୍କର** । କାରଣ ସେହି ବ୍ୟକ୍ତିଜଣକ ନିଜ ବିଶ୍ୱାସକୁ ଗୋପନ ରଖିଥିଲେ । କିନ୍ତୁ ଏହି ବ୍ୟକ୍ତି ଅର୍ଥାତ ହଜରତ ଅବୁବକର ର:ଅ ନିଜ ବିଶ୍ୱାସର ଘୋଷଣା ମୁକ୍ତ କଣ୍ଠରେ କରିଥିଲେ ।

***(ଅବୁ ବକର୍ ସିଦ୍ଦିକ୍......, ପୃ-୩୮........ବେରୁତ ୨୦୦୩)***

ହଜରତ ମୁସ୍‌ଲେହ ମଉଦ୍ ର:ଅ କହିଲେ:- "ଯେତେବେଳେ ଆମେ ରସୁଲେ୍ କରିମ୍ ସ:ଆ:ସଙ୍କ ଜୀବନର ଘଟଣାଗୁଡ଼ିକୁ ଦେଖିଥାଉଁ ସେତେବେଳେ ଆମକୁ ସେହି ଦାବି ବାସ୍ତବ ଆକାରରେ ଦୃଶ୍ୟମାନ ହୋଇଥାଏ ଏବଂ ଆମକୁ ପ୍ରତି ପାଦରେ ଏପରି ଘଟଣା ଦୃଷ୍ଟି ଗୋଚର ହୋଇଥାଏ ଯାହା ମହାଭାଗ ସ:ଆ:ସଙ୍କ ସେହି ମହାନ୍ ସ୍ନେହ ଓ ପ୍ରେମର ପ୍ରମାଣ ଥିଲା ଯାହା ମହାଭାଗ ସ:ଆ:ସଙ୍କୁ ମାନବଜାତି ସହିତ ଥିଲା । ଅତଃ ମହାଭାଗ ସ:ଆ:ସଙ୍କୁ ସେହି ଏକ ଈଶ୍ୱରଙ୍କ ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ପହଂଚାଇବା ପାଇଁ ବର୍ଷ ବର୍ଷ ଧରି ଏତେ କଷ୍ଟ ଉଠାଇବାକୁ ପଡ଼ିଥିଲା ଯେ ଯାହାର କୌଣସି ଅନ୍ତ ନଥିଲା । ଥରେ ଖାନା କାବାରେ କୁଫାର୍ (ଅମାନ୍ୟକାରୀ)ମାନେ ଆପଣ ସ:ଆ:ସଙ୍କ ଗଳାରେ ପଟା ପକାଇ ଏତେ ଜୋର୍‌ରେ ଚାପି ରଖିଲେ ଯେ ମହାଭାଗ ସ:ଆ:ସଙ୍କ ଆଖି ଲାଲ୍ ହୋଇଗଲା ଓ ବାହାରକୁ ବାହାରି ପଡ଼ିଲା । ଯେତେବେଳେ ହଜରତ ଅବୁ ବକର୍ ର:ଅ ଏକଥା ଶୁଣିଲେ, ଧାଇଁ ଆସିଲେ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏମିତି କଷ୍ଟରେ ଦେଖି ତାଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା ଓ ସେ ସେହି କୁଫ୍‌ଫାରମାନଙ୍କୁ ହଟାଇ କହିଲେ । ଖୁଦାଙ୍କର ଭୟ କର । ଈଶ୍ୱରଙ୍କୁ ଡ଼ର । କଣ ତୁମେମାନେ ଏପରି ଜଣେ ଲୋକ ଉପରେ ଅତ୍ୟାଚାର କରୁଅଛ ଯିଏ ଏକଥା କହୁଅଛି ଯେ ଈଶ୍ୱର ହେଉଛନ୍ତି ମୋ ପାଳନକର୍ତ୍ତା ।" ***(ତଫ୍‌ସୀର୍ କବିର୍, ଖଣ୍ଡ-୭, ପୃ-୬୩-୬୪)*** ହଜରତ ମସିହ ମଉଦ ଆ:ସ କୁହନ୍ତି; ଏକଦା କିଛି ଶତ୍ରୁ ହଜୁର ସ:ଆ:ସଙ୍କୁ ଏକାକୀ ଦେଖି ଆପଣଙ୍କୁ ଧରିନେଲେ ଏବଂ ଆପଣଙ୍କ ଗଳାରେ ରସି ଲଗାଇ ତାହାକୁ ମୋଡ଼ିବା ଆରମ୍ଭ କଲେ । ଏପରିକି ଆପଣଙ୍କ ପ୍ରାଣ ବାୟୁ ଉଡ଼ି ଯିବା ନିକଟବର୍ତ୍ତୀ ହୋଇଗଲା । ଭାଗ୍ୟବଶତଃ ହଜରତ ଅବୁବକର ର:ଅ ସେଠାରେ ଆସି ପହଂଚିଗଲେ ଏବଂ ମହାଭାଗ ସ:ଆ:ସଙ୍କୁ ସେମାନଙ୍କ କବଳରୁ ରକ୍ଷା କଲେ । ସେହି ଅତ୍ୟାଚାରୀମାନେ ହଜରତ ଅବୁ ବକର୍ ର:ଅଙ୍କୁ ଏଭଳି ମାଡ଼ ମାରିଲେ ଯେ ସେ ଚେତାଶୂନ୍ୟ ହୋଇ ଭୂଇଁ ଉପରେ ପଡ଼ିଗଲେ" । ***(ଚଶମାଏ ମାରିଫତ୍, ରୁହାନୀ ଖଜାଇନ୍ ଖଣ୍ଡ-୨୩, ପୃ-୨୫୭-୨୫୮)*** । ଏପରି ହଜରତ ଅବୁବକର ର:ଅ ଆପଣଙ୍କୁ ସେହି ଅତ୍ୟାଚାରୀଙ୍କ କବଳରୁ ରକ୍ଷା କଲେ ।

ଗୁଲାମ୍ (କ୍ରୀତଦାସ)ମାନଙ୍କୁ ମୁକ୍ତ ଓ ସ୍ୱାଧିନ କରିବା ସମ୍ବନ୍ଧରେ ହଜରତ ଅବୁ ବକର୍ ର:ଅଙ୍କ ବିଷୟରେ ରିୱାୟତ୍ ଆସିଛି ଯେ ହଜରତ ଅବୁବକର ର:ଅ ଯେତେବେଳେ ଇସଲାମ ଧର୍ମ ସ୍ୱୀକାର କଲେ ସେତେବେଳେ ଆପଣଙ୍କ ନିକଟରେ ୪୦ହଜାର ଦିରହମ୍ ରହିଥିଲା । ଆପଣ ନିଜର ସମସ୍ତ ଜମା ପୁଞ୍ଜି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦେଇଥିଲେ ଏବଂ ଏପରି କ୍ରୀତଦାସ ସ୍ୱାଧୀନ କଲେ, ଯାହାଙ୍କୁ ଅଲ୍ଲାଃଙ୍କ ଧର୍ମ (ଇସଲାମ) ସ୍ୱୀକାର କରିବା ଯୋଗୁଁ କଷଣ ଦିଆଯାଉଥିଲା । ସେମାନଙ୍କ ମଧ୍ୟରେ ହଜରତ ବିଲାଲ୍ ର:ଅ, ହଜରତ ଆମିର ବିନ୍ ଫହିରାଃ ର:ଅ, ହଜରତ ଯିନିରାଃ ର:ଅ, ହଜରତ ନହ୍‌ଦିୟା ର:ଅ ଓ ତାଙ୍କ କନ୍ୟା, ବନି ମୋମିଲ୍‌ର ଜଣେ ଦାସୀ ଏବଂ ଉମ୍ମେ ଉବୈସ୍ ଇତ୍ୟାଦି କ୍ରୀତଦାସ ଓ କ୍ରୀତଦାସୀ ସାମିଲ ଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୨୪୭....... ବେରୁତ ୨୦୦୧)***

ହଜରତ ବିଲାଲ୍ ର:ଅ ବନୁ ଜୁହମ୍‌ର ଗୁଲାମ୍ ଥିଲେ ଏବଂ ଉମୈୟା ବିନ୍ ଖଲଫ୍ ତାଙ୍କୁ ଭିଷଣ କଷଣ ଦେଉଥିଲା ।

***(ଉସଦୁଲ୍ ଗାବାଃ...... ଖଣ୍ଡ-୧, ପୃ-୨୮୩...... ବେରୁତ ୨୦୦୩)***

ଆଉ ଏକ ରିୱାୟତ୍‌ରେ ଆସୁଛି ଯେ ଯେବେ ହଜରତ ବିଲାଲ୍ ର:ଅ ଇମାନ୍ ଆଣିଲେ, ତାଙ୍କ ମାଲିକମାନେ ତାଙ୍କୁ ଧରି ଭୂଇଁ ଉପରେ ଶୁଆଇ ଦେଉଥିଲେ ଓ ତାଙ୍କ ଉପରେ ପଥର ଏବଂ ଗାଈର ଚମଡ଼ା ଘୋଡ଼ାଇ ଦେଇ ତାଙ୍କୁ କହୁଥବଲେ ଯେ ତୁମର ଈଶ୍ୱର ହେଉଛନ୍ତି **"ଲାତ୍"** ଏବଂ **"ଉଜ୍ଜା"** କିନ୍ତୁ ହଜରତ ବିଲାଲ୍ ର:ଅ ଅହଦ୍ ! ଅହଦ୍ ! (ଅର୍ଥାତ ଅଲ୍ଲାଃ ଏକ ଅଟନ୍ତି) କହୁଥିଲେ । ସେମାନଙ୍କ ନିକଟକୁ ହଜରତ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ଯେତେବେଳେ କୁରୈଶ୍‌ମାନେ ଆଁ ହଜରତ ସ:ଆ:ସଙ୍କୁ ଦୁଃଖ ଓ କଷ୍ଟ ପହଂଚାଇବା ପାଇଁ ସହମତ / ଏକମତ ହୋଇଗଲେ ଓ ସେମାନେ ଗୋଟିଏ ଡ଼କ୍ୟୁମେଂଟ ଲେଖିଲେ, ସେତେବେଳେ ହଜରତ ସଦ୍ଦିକ୍ ର:ଅ ସେହି ସଙ୍କଟପୂର୍ଣ୍ଣ ସମୟରେ ଆଁ ହଜରତ ସ:ଆ:ସଙ୍କ ସାଥିରେ ଥିଲେ ।**

**ହଜରତ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକ୍‌ବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସିଦ୍ଧତା ଏବଂ ଉଚ୍ଚ ପ୍ରଶଂସା ।**

**ଆଫ୍‌ଗାନିସ୍ତାନ୍ ଏବଂ ପାକିସ୍ତାନ୍‌ର ଅହେମଦୀମାନଙ୍କ ପାଇଁ ବିଶେଷ ଦୁଆ (ପ୍ରାର୍ଥନା) କରିବାକୁ ଆହ୍ୱାନ୍ । ଦୁଆ କରନ୍ତୁ ଅଲ୍ଲାଃ ତାଲା ଏ ଦୁନିଆକୁ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଚିହ୍ନିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ସମସ୍ତ ଦୁଷ୍ଟ ଓ ଖଳମାନଙ୍କୁ ନିଶେଷ କରନ୍ତୁ ଏବଂ ଏ ସଂସାରବାସୀ ନିଜ ପାଳନକର୍ତା ଓ ସୃଷ୍ଟିକର୍ତାଙ୍କ ବାସ୍ତବ ରୂପକୁ ଚିହ୍ନ ନିଅନ୍ତୁ ।**

**ମୋକରମ୍ ଅଲ୍‌ହାଜ୍ ଅବ୍‌ଦୁର୍ ରହ୍‌ମାନ୍ ଐନୈନ୍ (Ennin) ସାହେବ୍ ଅଫିସର ଜଲ୍‌ସା ସାଲାନା ଘାନା, ମୋକରମ୍ ଅଜ୍‌ୟାବ୍ ଅଲୀ ମୁହମ୍ମଦ ଅଲ୍‌ଜବାଲି ସାହେବ୍ ଅଫ୍ ଉର୍ଦ୍ଦୁନ୍, ମୋକରମ୍ ଦୀନ୍ ମୁହମ୍ମଦ୍ ଶାହିଦ୍ ସାହେବ ରିଟାଏଡ୍ ମୁରବୀ ସିଲ୍‌ସିଲା, ମୋକରମ୍ ମିଆଁ ରଫିକ୍ ଅହ୍‌ମଦ୍ ସାହେବ କାର୍‌କୁନ୍ (କର୍ମୀ) ଦଫ୍‌ତର୍ ଜଲ୍‌ସା ସାଲାନା ରବ୍‌ୱା ଏବଂ ମୋକରମା କାନ୍‌ତା ଜଫର୍ ସାହି ପତ୍ନୀ ମୋକରମ୍ ଏହ୍‌ସାନୁଲ୍ଲାଃ ଜଫର୍ ସାହେବ୍ ପୂର୍ବତନ ଅମୀର୍ ଜମାତ୍ ଅହେମଦୀୟା ଆମେରିକା ନିବାସୀଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ସମସ୍ତଙ୍କ ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୧୭ ଡ଼ିସେମ୍ବର ୨୦୨୧ ଅନୁଯାୟୀ ୧୭ ଫତହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ:ଅ କହିଲେ; ହଜରତ ଅବୁବକର ସିଦ୍ଦିକ ର:ଅଙ୍କର କ୍ରୀତଦାସ ମୁକ୍ତ କରିବା ପ୍ରସଙ୍ଗରେ ଚର୍ଚ୍ଚା ଚାଲିଥିଲା ଓ କେତେକ କଥନ ବାକି ରହି ଯାଇଛି । ଯାହାର ଚର୍ଚ୍ଚା ମୁଁ ଏଠାରେ କରିଦେଉଛି । ହଜରତ ଅବୁ ବକର୍ ର:ଅ ନହଦିୟା ଓ ତାଙ୍କ କନ୍ୟା ଉଭୟଙ୍କୁ ଆଜାଦ୍ ଅର୍ଥାତ ସ୍ୱାଧିନ କରିଥିଲେ । ଏହି ଦୁଇଜଣଯାକ ବନୁ ଅବ୍‌ଦୁଲ୍ ଦାର୍‌ର ଜଣେ ମହିଳାଙ୍କ ଲୌଣ୍ଡି ଅର୍ଥାତ କ୍ରୀତଦାସୀ ଥିଲେ । ହଜ୍‌ରତ୍ ଅବୁ ବକର୍ ର:ଅ ସେହି ଦୁଇଜଣଙ୍କ ନିକଟ ଦେଇ ଯାଉଥିଲେ, ସେତେବେଳେ ସେହି ଦୁଇଜଣଙ୍କୁ ତାଙ୍କ ମାଲିକାଣୀ ଅଟା ପେଷାଇବା ପାଇଁ ପଠାଇଥିଲେ ଓ ତାଙ୍କ ମାଲିକାଣୀ ଏ କଥା କହୁଥିଲା ଯେ ଅଲ୍ଲାଃଙ୍କ ରାଣ ! ମୁଁ ତୁମକୁ କେବେ ବି ଆଜଦ୍ (ମୁକ୍ତ/ସ୍ୱାଧିନ) କରିବି ନାହିଁ । ଏହିପରି ସେ ଯାହାର ବି ରାଣ ଖାଉଥିଲା । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଅବୁ ବକର୍ ର:ଅ ସେହି ମାଲିକାଣୀଙ୍କୁ କହିଲେ ହେ ଅମୁକ ଲୋକର ମାଆ ! ନିଜ ରାଣ/ସୌଗନ୍ଧ କୁ ଭାଙ୍ଗିଦିଅ । ସେହି କହିଲା ଯାଅ ଯାଅ ! ତୁମେ ହିଁ ଏମାନଙ୍କୁ ଖରାପ କରିଦେଇଛ । ଯଦି ତୁମକୁ ଏମାନଙ୍କର ଏତେ ଚିନ୍ତା ତା'ହେଲେ ଏହି ଦୁଇଜଣଙ୍କୁ ସ୍ୱାଧିନ କରାଇ ନିଅ । ଏହା ଶୁଣି ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ଯେ ଉଭୟଙ୍କୁ ମୁକ୍ତ କରିବା ପାଇଁ ମୁଁ ତୁମକୁ କେତେ ମୂଲ୍ୟ ଦେବି ? ସେ କହିଲଶ ଏତେ ଓ ଏତେ । ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ଯେ ମୁଁ ଏହି ଦୁଇଜଣଙ୍କୁ ନେଇଯାଉଛି ଓ ଏବେ ଏହି ଦୁଇଜଣଯାକ ସ୍ୱାଧିନ ହେଲେ । ତା'ପରେ ହଜ୍‌ରତ୍ ଅବୁ ବକର୍ ର:ଅ ସେମାନଙ୍କୁ କହିଲେ ଯେ ଏହି ମହିଳାଙ୍କ ଅଟା ଫେରାଇ ଦିଅ ଯାହାକୁ ତୁମେ ପେଶାଇବା ପାଇଁ ନେଇଥିଲ । ସେହି ଦୁଇଜଣଯାକ କହିଲେ ହେ ଅବୁବକର ର:ଅ ! କ'ଣ ଆମେ ଏହି ଅଟାକୁ ପେଶାଇ ତାଙ୍କୁ ଦେଇ ଆସିବୁ ? ଅର୍ଥାତ ଆମକୁ ଯେଉଁ କାମ ଦିଆଯାଇଥିଶ ତାହା ଆମେ ଶେଷ କରି ଆସିବୁ ? ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ଠିକ୍ ଅଛି ଯଦି ତୁମେ ଏହା ଚାହୁଁଛ ତା'ହେଲେ କାମ ଶେଷ କରିଦିଅ । ପୁଣି ହଜ୍‌ରତ୍ ଅବୁ ବକର୍ ର:ଅ ସେହି ମାଲିକାଣୀର ମନ ମୁତାବକ ଅର୍ଥ ପ୍ରଦାନ କରି ଉଭୟଙ୍କୁ ମୁକ୍ତ କରି ଦେଇଥିଲେ ।

ହଜ୍‌ରତ୍ ଅବୁ ବକର୍ ର:ଅ ଏକଦା ବନୁ ମୁଅମ୍ମିଲ୍‌ର ଜଣେ କ୍ରୀତଦାସଙ୍କ ନିକଟ ଦେଇ ଗଲେ । ବନୁ ମୁଅମ୍ମଲ୍ ବନୁ ଅଦି ବିନ୍ କାଆବର ଗୋଟିଏ କବିଲା ଥିଲା । ସେହି କ୍ରୀତଦାସୀ ଜଣକ ମୁସଲମାନ ଥିଲା । ଉମର୍ ବିନ୍ ଖତାବ୍ ସେହି କ୍ରୀତଦାସୀକୁ ଯନ୍ତ୍ରଣା ଦେଉଥିଲେ ଯଦ୍ୱାରା ସେ ଇସ୍‌ଲାମ୍ ଛାଡ଼ି ଦେବ ଏବଂ ହଜରତ ଉମର ର:ଅ ସେ ସମୟରେ ମୁସଲମାନ ହୋଇନଥିଲେ ଓ ସେହି ଦାସୀଙ୍କୁ ମାରୁଥିଲେ ଏପରି କି ମାରି ମାରି ଯେତେବେଳେ ଥକି ଯାଉଥିଲେ ସେତେବେଳେ ତାକୁ କହୁଥିଲେ ଯେ, ମୁଁ ତତେ ଏହା ବତାଇ ଦେଉଛି ଯେ ମୁଁ ତତେ କେବଳ ଥକି ଯିବା ଯୋଗୁଁ ଛାଡ଼ି ଦେଉଛି । ଏହା ଶୁଣି ସେହି ମହିଳା କ୍ରୀତଦାସୀ ଜଣକ କହୁଥିଲା ଯେ ଅଲ୍ଲାଃ ତୁମ ସହିତ ମଧ ଏହିପରି ବ୍ୟବହାର କରିବେ । ପୁଣି ହଜରତ ଅବୁବକର ର:ଅ ତାଙ୍କୁ ମଧ ଖରିଦ୍ କରି ସ୍ୱାଧୀନ କରିଦେଇଥିଲେ ।

ଆଉ ଏକ ରିୱାୟତ୍‌ରେ ଆସୁଛି ଯେ ହଜରତ ଅବୁବକର ର:ଅଙ୍କ ପିତା ଏକଦା ଅବୁ ବକର୍ ର:ଅଙ୍କୁ ପରାମର୍ଶ ଦେଲେ ଯେ ହେ ମୋର ପୁତ୍ର ! ମୁଁ ଏହା ଦେଖୁଛି ଯେ ତୁମେ ଦୁବଳ ଲୋକମାନଙ୍କୁ ଆଜାଦ୍ କରିଦେଉଛ । ଯଦି ତୁମେ ଏହି କାମ କରିବାକୁ ଚାହୁଁଛ ତା'ହେଲେ ତୁମେ ଶକ୍ତିଶାଳୀ ପୁରୁଷମାନଙ୍କୁ ସ୍ୱାଧୀନ କର ଯଦ୍ୱାରା ସେମାନେ ତୁମର ସୁରକ୍ଷା କରିବେ । ଏଥିରେ ଆପଣ ର:ଅ କହିଲେ, ମୁଁ ତ କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ପ୍ରୀତିଭାଜନର ଅଧିକାରୀ ହେବାକୁ ଚାହୁଁଛି । ***(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍, ପୃ-୨୩୬..... ବେରୁତ ୨୦୦୧)***

ଅଲାମାଃ କୁରତବି ଓ ଅଲାମାଃ ଆଲୁସି ତଥା ଅନ୍ୟ ଐତିହାସିକଗଣ କୁହନ୍ତି; ସୁରାଃ ଲୈଲ୍‌ର ଏହି ପଂକ୍ତି ଗୁଡ଼ିକ **ଫଅମ୍ମା ମନ୍ ଆତା ୱତ୍‌ତକା ୱସଦ୍ଦକା ବିଲ୍ ହୁସ୍‌ନା୧ ଫସନୁୟସ୍‌ସିରୁହୁ ଲିଲ୍ ୟୁସ୍‌ରା । ୱ ଅମ୍ମା ମମ୍ ବଖିଲା ୱସ୍‌ତଗ୍‌ନା । ୱ କଜ୍ଜବା ବିଲ୍ ହୁସ୍‌ନା..... ୱଲ୍ ସୌଫା ୟର୍‌ଜା (ସୁରଃ ଅଲ୍‌ଲୈଲ୍: ୬-୨୨)** ଅର୍ଥାତ ବସ୍ତୁତଃ ସେ ଯେ ପ୍ରଭୁଙ୍କ ମାର୍ଗରେ ଦାନ କଲା ଓ ଧର୍ମପରାୟଣତା ଅବଲମ୍ବନ କଲା ଏବଂ ଉତମ ପୁଣ୍ୟର ସମର୍ଥନ କଲା ତେବେ ଆମେ ତାହାକୁ ପର୍ଯ୍ୟାପ୍ତ ମାତ୍ରାରେ ଦେବୁ । ଯେଉଁ ପର୍ଯ୍ୟନ୍ତ କୃପଣର ସମ୍ପର୍କ ରହିଲା ଓ ଯେ ଅବହେଳା ପ୍ରଦର୍ଶନ କଲା ତଥା ଉତମ ପୁଣ୍ୟର ଅସ୍ୱୀକାର କଲା ତେବେ ଆମେ ତାହାର ମାର୍ଗକୁ ଅଧିକ ସଂକୀର୍ଣ୍ଣ କରିଦେବୁ । ଯେତେବେଳେ ତାହାର ଧନସମ୍ପତି ବିଲୟ ଘଟିବ ଏବଂ ତାହାର କୌଣସି କାମରେ ଆସିବ ନାହିଁ । ସୁନିଶ୍ଚିତ ରୂପେ ମାର୍ଗଦର୍ଶନ କରାଇବା ଆମର କର୍ତବ୍ୟ ଏବଂ ପ୍ରାରମ୍ଭ ଓ ପରିଣାମ ଉଭୟ ଆମ୍ଭ ଅଧୀନରେ ରହିଛି । ସୁତରାଂ ଆମ୍ଭେ ତୁମମାନଙ୍କୁ ଅଗ୍ନିର ଶାସ୍ତିରୁ ସଚେତନ କରେଇ ଦେଉଛୁ । ଯାହା ମଧରେ ହତଭାଗା ବ୍ୟତୀତ ଅନ୍ୟ କେହି ପ୍ରବେଶ କରିବେ ନାହିଁ । କିନ୍ତୁ ଯେ ମିଥ୍ୟାରୋପ କଲା ଓ ପିଠି ଫେରିନେଲା ଯେତେବେଳେ କି ସଭିଙ୍କ ମଧରୁ ଧର୍ମନିଷ୍ଠ ହିଁ ରକ୍ଷା କରାଯିବେ

। ଯେ ନିଜ (ପବିତ୍ର) ଅର୍ଥ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି ଏବଂ ପବିତ୍ରତା ପ୍ରାପ୍ତିର ଅଭିଳାଷି ଅଟନ୍ତି । ତାଙ୍କ ଉପରେ କାହାର ଦୟା ବାକି ନଥାଏ ଯାହାର ପରିଣାମସ୍ୱରୂପ ତାହାକୁ ପ୍ରତିଫଳ ପ୍ରଦାନ କରାଯାଇ ଥାଏ । ଏହା ତ ମାତ୍ର ସେହି ପରମେଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିଥାଏ । ସେ ନିଶ୍ଚତ ରୂପେ ଆନନ୍ଦିତ ହେବ । ଉକ୍ତ ପଂକ୍ତି ହଜରତ ଅବୁବକର ର:ଅଙ୍କ ସେହି ଅମଳର ପରିଣାମ ସ୍ୱରୂପ ଅବତୀର୍ଣ୍ଣ ହୋଇଥିଲା । ***(ସୟଦନା ଅବୁ ବକର୍ ସିଦ୍ଦିକ୍ ର:ଅ ଶଖ୍‌ସିୟତ୍ ଅଓର୍ କାର୍‌ନାମେ, ଉର୍ଦ୍ଦୁ ଅନୁବାଦ, ପୃ-୭୪) (ଅଲ୍‌ଜାମେଉଲ୍ କଲାମ୍ ଅଲ୍ କୁର୍‌ଆନ୍ ଲେ ଇମାମେ ଅଲ୍‌କର୍‌ତବି, ଖଣ୍ଡ-୨, ପୃ-୩୩୩୦, ସୁରତୁଲ୍ ଲୈଲ୍ ଦାର ଇବ୍‌ନେ ହଜମ୍ ବେରୁତ୍ ୨୦୦୪)***

ହଜରତ ଅବୁ ବକର୍ ର:ଅ ଯେଉଁ ଗୁଲାମମାନଙ୍କୁ ଆଜାଦ୍ (ସ୍ୱାଧିନୀ/ମୁକ୍ତ) କରିଥିଲେ ସେମାନଙ୍କ ମଧ୍ୟରେ ହଜରତ ଖବ୍‌ବାବ୍ ବିନ୍ ଅରତ୍ ର:ଅ ମଧ ଥିଲେ । ହଜରତ ମୁସଲେହ ମଉଦ[ର.ଅ] ହଜରତ ଖବାବ୍ ବିନ୍ ଅରତ୍ ର:ଅଙ୍କୁ ସ୍ୱାଧୀନ କରିବା ଘଟଣା ବର୍ଣ୍ଣନା କରି କହିଲେ; ଖବାବ୍ ର:ଅ ଯେ କି ଗୋଟିଏ ସମୟରେ କ୍ରୀତଦାସ ଥିଲେ, ଏକଦା ଜଣେ ବ୍ୟକ୍ତି ତାଙ୍କ ପିଠିକୁ ଦେଖିଲେ ଯାହାକି ଅତି ଶକ୍ତ ଓ ମଇଁଷି ଚମଡ଼ା ପରି ଖଦଡ଼ା ଦୃଶ୍ୟମାନ ହେଉଥିଲା । ତାହାକୁ ଦେଖି ସେ ଆଶ୍ଚର୍ଯ୍ୟ ଚକିତ ହେଲେ ଏବଂ କାରଣ ପଚାରିବାରୁ ଖବାବ ର:ଅ କହିଲେ; ଇସଲାମ ସ୍ୱୀକାର କରିବା ଯୋଗୁଁ ଆମ ମାଲିକ ଆମକୁ ଉତପ୍ତ ସୂର୍ଯାଲୋକରେ ଶୁଆଇ ମାଡ଼ ମାରୁଥିଲା ଏବଂ କହୁଥିଲା ଯେ ସାକ୍ଷ୍ୟ ଦିଅ ଯେ "ମୁଁ ହଜରତ ମୁହମ୍ମଦ ସ:ଆ:ସଙ୍କର ଅସ୍ୱୀକାର କରୁଛି ।" କିନ୍ତୁ ତାହା ପରିବର୍ତେ ଆମେ କଲ୍‌ମା ଶାହାଦତ୍ ଆବୃତି କରୁଥିଲୁ । ଏଥିରେ ସେ ଆମକୁ ଆହୁରି ଅଧିକ ପିଟୁଥିଲେ ଏବଂ ଅତି କଠୋର ନିର୍ଦୟ ଭାବରେ ଆବୁଡ଼ା ଖାବୁଡ଼ା ପଥର ଉପରେ ଘୋଷାରୁ ଥିଲେ । ଯାହା କିଛି ତୁମେ ଦେଖିଲ ତାହା ସେହି ଘୋଷରା ଯିବାର ପରିଣାମ ଅଟେ । ବର୍ଷ ବର୍ଷ ଧରି ଆମେ ସେହି ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହୋଇଥିଲୁ । ଶେଷରେ ହଜରତ ଅବୁବକର ର:ଅ ନିଜ ସମ୍ପତିର ଅଧିକାଂଶ ଭାଗ ବିକ୍ରି କରି ତାଙ୍କୁ ଖରିଦ୍ କରି ସ୍ୱାଧୀନ କରି ଦେଲେ ।

***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୨, ପୃ-୫୪୬-୫୪୭, ଖୁତ୍‌ବା ଜୁମା ପ୍ରଦତ ୩୧ ଅକ୍ଟୋବର ୧୯୪୧)***

ଆଉ ଏକ ଅବସରର ହଜରତ ମୁସଲେହ ମଉଦ ର:ଅ ବର୍ଣ୍ଣନା କରି କହନ୍ତି; ଯେଉଁ ଦାସମାନେ ହଜୁର ସ:ଆ:ସ ଉପରେ ବିଶ୍ୱାସ ଆଣିଥିଲେ ସେମାନେ ବିଭିନ୍ନ ଜାତିର ଥିଲେ । ସେମାନଙ୍କ ମଧ୍ୟରେ ହବ୍‌ଶି (Negroes) ମଧ୍ୟ ଥିଲେ ଉଦାହରଣ ସ୍ୱରୁପ ସେମାନଙ୍କ ମଧରେ ରୋମୀ ମଧ ଥିଲେ ଯେମିତି ସୋହେବ ର:ଅ ରୋମୀ ଥିଲେ, ସେମାନଙ୍କ ମଧରେ ଖ୍ରୀଷ୍ଟିଆନ୍ ମଧ ଥିଲେ ଉଦାହରଣ ସ୍ୱରୁପ ଜୁବୈର୍ ଓ ସୁହୈବ୍ ତଥା ଅମାନ୍ୟକାରୀଙ୍କ ମଧ୍ୟରୁ ଅମ୍ମାର ର:ଅ ଓ ବିଲାଲ ର:ଅ ଆଦି ଅନ୍ତର୍ଭୁକ୍ତ ଥିଲେ । ବିଲାଲ ର:ଅଙ୍କୁ ତାଙ୍କ ମାଲିକ ଉତପ୍ତ ବାଲୁକାରେ ଶୁଆଇ ଅବା ତାଙ୍କ ଶରୀର ଉପରେ ପଥର ଲଦି ତାହା ଉପରେ ଯୁବକମାନଙ୍କୁ ନାଚିବାକୁ କହୁଥିଲେ । ହଜରତ ଅବୁବକର ର:ଅ ଯେତେବେଳେ ଏହି ଦୃଶ୍ୟ ଦେଖିଲେ ସେହି ଅମାନ୍ୟକାରୀଙ୍କୁ ତାଙ୍କର ମୂଲ୍ୟ ଦେଇ ସେମାନଙ୍କୁ ମୁକ୍ତ କରିଦେଲେ । ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୧୯୩-୧୯୪)***

ଥରେ ହଜରତ ଅବୁ ବକର୍ ର:ଅ ହବ୍‌ଶା ଦେଶ ଆଡ଼କୁ ହିଜ୍‌ରତ୍ କରିବା ପାଇଁ ମନସ୍ଥ କରିଥିଲେ । ଏ ସମ୍ବନ୍ଧରେ ଏପରି ଉଲ୍ଲେଖ ଅଛି ଯେ ଯେବେମୁସଲମାନମାନେ ବଢ଼ିଗଲେ ଓ ଇସ୍‌ଲାମ୍ ପ୍ରକାଶ ହୋଇଗଲା, ସେତେବେଳେ କୁଫ୍‌ଫାର୍ କୁରୈଶ୍ ନିଜ ନିଜ କବିଲାରେ ସେମାନଙ୍କୁ ଯନ୍ତ୍ରଣା ଦେବାକୁ ଲାଗିଲେ, ଯେଉଁମାନେ ଇମାନ୍(ଅର୍ଥାତ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ନେଇ ଆସିଥିଲେ) । ସେମାନଙ୍କର ଏ ଉଦ୍ଦେଶ୍ୟ ଥିଲା ଯେ ସେମାନେ ତାଙ୍କୁ ତାଙ୍କ ଧର୍ମ (ଇସ୍‌ଲାମ୍‌ରୁ) ଫେରାଇ ନେବେ । ଏହା ଦେଖି ରସୁଲୁଲ୍ଲାଃ ସ:ଆ:ସ ମୋମିନ୍ ମାନଙ୍କୁ ଆଦେଶ ଦେଲେ ଯେ । ତୁମେମାନେ ଏ ଭୂଖଣ୍ଡରେ (ଅର୍ଥାତ ପୃଥିବୀରେ) ବ୍ୟାପି ଯାଅ । ନିଶ୍ଚିତ ରୂପେ ଅଲ୍ଲାଃ ତୁମମାନଙ୍କୁ ଏକତ୍ର କରିଦେବେ । ଏଥିରେ ସାହାବାମାନେ କହିଲେ ଆମେ କେଉଁ ଆଡ଼କୁ ଯିବୁ ? ମହାଭାଗ ସ:ଆ:ସ ନିଜ ହାତରେ ହବ୍‌ଶା ଦେଶ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲେ ସେହି ଆଡ଼କୁ । ଅତଃ ଯେତେବେଳେ ଅମାନ୍ୟକାରୀଙ୍କ ଅତ୍ୟାଚାର ସୀମାଲଙ୍ଘନ କରିଗଲା ସେତେବେଳେ ହଜର ସ:ଆ:ସ ମୁସଲମାନମାନଙ୍କୁ ରଜବ୍ ମାସ ୫ ନବଓ୍ୱିରେ ହବ୍‌ଶା ଆଡ଼କୁ ପ୍ରବାସ କରିବାକୁ ଆଦେଶ ଦେଲେ । ଅତଏବ ୧୧ଜଣ ପୁରୁଷ ଓ ଚାରି ଜଣ ମହିଳା ହବ୍‌ଶା ଅଭିମୁଖେ ବାହାରି ଗଲେ । ***(ଶରହ୍ ଜର୍‌କାନୀ ଅଲଲ୍ ମଓ୍ୱାହିବ୍‌ଲ ଲଦୁନି, ଖଣ୍ଡ-୧, ପୃ-୫୦୩-୫୦୪ ଅଲ୍ ହିଜ୍‌ରତୁଲ୍ ଉଲା ଇଲଲ୍ ହବ୍‌ଶା....... ବେରୁତ ୧୯୯୬)***

ମୁସଲମାନମାନେ ହବ୍‌ଶା ଆଡ଼କୁ ହିଜ୍‌ରତ୍ କରିବା ପରେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ ବହୁତ ଯନ୍ତ୍ରଣା ଏବଂ ଦୁଃଖକଷ୍ଟ ଦିଆଗଲା । ସେଥବରେ ହଜ୍‌ରତ୍ ଅବୁ ବକର୍ ର:ଅ ମଧ ହବ୍‌ଶା ଦେଶକୁ ହିଜ୍‌ରତ୍ (Migrate) କରିଯିବା ପାଇଁ ମନସ୍ଥ କଲେ । ଅତଃ ଏ ସମ୍ବନ୍ଧରେ ବୁଖାରୀରେ ଗୋଟିଏ ରିଓ୍ୱାୟତ ମିଳୁଛି ଯେ ହଜରତ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେତେବେଳେ ମୁସଲମାନମାନଙ୍କୁ ଯନ୍ତ୍ରଣା ଦିଆଗଲା ସେତେବେଳେ ହଜରତ ଅବୁବକର[ର.ଅ] ପ୍ରବାସ କରିବା ଉଦ୍ଦେଶ୍ୟରେ ବାହାରି ପଡ଼ିଲେ କିନ୍ତୁ ବରକୁଲ୍ ଗମାଦ୍ ସ୍ଥାନରେ କାରା କବିଲାର ସରଦାର ଇବ୍‌ନେ ଦଗନାଃ ସହିତ ସାକ୍ଷାତ ହେଲା । ସେ ପଚାରିଲା ଯେ ଅବୁ ବକର୍ ର:ଅ ! କେଉଁ ଆଡ଼କୁ ବାହାରିଛ ? ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ମୋ କୌମ୍ (ଜାତି)ର ଲୋକମାନେ ମତେ ମୋ ମାତୃଭୂମିରୁ ବାହାର କରିଦେଇଛନ୍ତି ତେଣୁ ମୁଁ ଚାହୁଁଛି ଯେ ଏ ପୃଥିବୀରେ ମୁଁ ଘୂରି ବୁଲିବି ଓ ନିଜ ପାଳନକର୍ତାଙ୍କ ଉପାସନା କରିବି । ଇବ୍‌ନେ ଦଗ୍‌ନା କହିଲା । ତୁମ ପରିକା ଲୋକଙ୍କୁ ନିଜେ ମାତୃଭୂମିରୁ ବାହାରିବା ବା ତୁମକୁ ବାହାର କରିଦିଆଯିବା ଉଚିତ ନୁହେଁ । ତୁମେ ତ ଏପରି ପୂଣ୍ୟ କର୍ମ କରୁଅଛ ଯାହା ଦିନକୁ ଦିନ ଲୋପ ପାଇଗଲାଣି ଓ ତୁମେ ପରୋପକାରୀ ବ୍ୟକ୍ତି ଅଟ । କ୍ଲାନ୍ତ ଲୋକମାନଙ୍କ ବୋଝ ଉଠାଉଛ । ଅତିଥି ପରାୟଣତାରେ ତୁମେ ଲାଗି ରହିଛ ଏବଂ ଦୁଃଖ ଦରିଦ୍ରଙ୍କୁ ସାହାଯ୍ୟ କରୁଛ । ଆଉ ଏକ ସ୍ଥାନରେ ଏପରି ଲେଖା ହୋଇଛି ଯେ ତୁମେ କାଙ୍ଗାଳ ଲୋକମାନଙ୍କୁ ରୋଜଗାର କରି ଦେଉଅଛ । ସମ୍ପର୍କୀୟମାନଙ୍କ ସହିତ ଉତମ ବ୍ୟବହାର କରୁଅଛ । ଅସହାୟ ଲୋକମାନଙ୍କର ଯତ୍ନ ନେଉଅଛ ଇତ୍ୟାଦି ଇତ୍ୟାଦି । ପୁଣି ସେ ଆପଣ ର:ଅଙ୍କ ଉଦ୍ଦେଶ୍ୟ ବୁଝିନେଇ ଆପଣ ର:ଅଙ୍କୁ ସୁରକ୍ଷା ପ୍ରଦାନ କରିବାର ଦାୟିତ୍ୱ (ସ୍ୱୟଂ) ବହନ କଲେ ଏବଂ ଆପଣଙ୍କୁ ମକ୍କା ଫେରାଇ ଆଣିଲେ । ମକ୍କା ପହଂଚି ସେ କୁରୈଶର ସରଦାରମାନଙ୍କୁ କହିଲେ; ହଜରତ ଅବୁବକର ର:ଅଙ୍କ ପରି ବ୍ୟକ୍ତିଙ୍କୁ ନା ଦେଶରୁ ବହିଷ୍କାର କରାଯାଇଥାଏ ନା ତାଙ୍କୁ ଦେଶ ବାହାରକୁ ଯିବାକୁ ଦିଆଯିବା ଉଚିତ୍ । କ'ଣ ତୁମେ ଏପରି ବ୍ୟକ୍ତିଙ୍କୁ ବିତାଡ଼ିତ କରୁଅଛ ଯେ ଏପରି ସୁଗୁଣର ଅଧିକାରୀ ଯାହାକି ସଂସାରରୁ ବିଲୟ ହୋଇଚାଲିଛି । ସେ ସହାନୁଭୂତି ଓ ନମ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି, ଅସହାୟଙ୍କ ସହାୟତା କରୁଛନ୍ତି, ଅତିଥି ସତ୍କାର କରୁଛନ୍ତି ଏବଂ ଦୁଃଖି ଦରିଦ୍ରକୁ ସାହାଯ୍ୟ କରୁଛନ୍ତି ? ଏଥିରେ କୁରୈଶ ଇବ୍‌ନେ ଦଗନାଃଙ୍କର ସୁରକ୍ଷା ଦେବା ପ୍ରସ୍ତାବକୁ ସ୍ୱୀକାର କରିନେଲେ । କିନ୍ତୁ ସେମାନେ କହିଲେ; ଅବୁବକରଙ୍କୁ କୁହ ଯେ ସେ ନିଜ ପାଳନକର୍ତାଙ୍କ ଉପାସନା ନିଜ ଘରେ ହିଁ ସମ୍ପାଦନ କରନ୍ତୁ ସେ ତାଙ୍କ ଘରେ ଯାହା ଇଚ୍ଛା ତାହା ପଢ଼ନ୍ତୁ କିନ୍ତୁ ସେ ତାଙ୍କ ଉପାସନା ଓ କୁର୍‌ଆନ୍ ପାଠ କରିବା ଦ୍ୱାରା ଆମକୁ କଷ୍ଟ ନ ଦିଅନ୍ତୁ ଏବଂ ଉଚ୍ଚ ସ୍ୱରରେ ପଢ଼ନ୍ତୁ ନାହିଁ । କାରଣ ଆମକୁ ଭୟ ଲାଗୁଛି ଯେ ସେ ଆମ ପୁଅମାନଙ୍କୁ ଓ ଆମ ପତ୍ନୀମାନଙ୍କୁ ବିପଥଗାମୀ କରିଦେବେ । ଇବ୍‌ନେ ଦଗ୍‌ନାର ଏକଥା ଶୁଣି ହଜରତ ଅବୁବକର ର:ଅସେଥିଅନ୍ତେ ନିଜ ଘରେ ନମାଜ ଓ କୁରଆନ ପାଠ କରୁଥିଲେ । କିଛି ଦିନ ପରେ ଆପଣ ନିଜ ଘର ଦୁଆରେ ଉପାସନାର ବ୍ୟବସ୍ଥା କଲେ । ଯାହାକୁ ଅମାନ୍ୟକାରୀଙ୍କ ମହିଳା ଓ ପିଲାମାନେ ଶୁଣି ଆକର୍ଷିତ ହୋଇ ଚାଲି ଆସୁଥିଲେ କୁରୈଶ୍‌ର ମହିଳା ଓ ପିଲାମାନେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କର ଏପରି ଉପାସନା କରିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ହଜ୍‌ରତ୍ ଅବୁ ବକର୍ ର:ଅ ବହୁତ ଅଶ୍ରୁଳ ବ୍ୟକ୍ତି ଥିଲେ ।

ଯେତେବେଳେ ପବିତ୍ର କୁର୍‌ଆନ୍ ପାଠ କରୁଥିଲେ, ସେତେବେଳେ ନିଜର ଅଶ୍ରୁକୁ ରୋକି ପାରୁନଥିଲେ । ଏପରି ଅବସ୍ଥା ଦେଖି କୁରୈଶ୍‌ର ସର୍‌ଦାର୍‌ମାନେ ବ୍ୟତି ବ୍ୟସ୍ତ ହୋଇଗଲେ ଏବଂ ଇବ୍‌ନେ ଦଗ୍‌ନାକୁ ଡ଼କାଇ ପଠାଇଲେ । ସେ ଆସିବାରୁ, ତାକୁ କୁରୈଶ୍‌ର ସର୍‌ଦାର୍‌ମାନେ କହିଲେ ଯେ ଆମେ ତ ଅବୁ ବକର୍‌ଙ୍କୁ ଏହି ସର୍ତରେ ଶରଣ ଦେଇଥିଲୁ ଯେ ସେ ନିଜ ଘରେ ରହି ନିଜ ପାଳନକର୍ତାଙ୍କୁ ଉପାସନା କରିବ କିନ୍ତୁ ସେ ଏହି ସର୍ତକୁ ମାନିଲା ନାହିଁ ଓ ନିଜ ଘରର ଅଗଣାରେ ମସ୍‌ଜିଦ୍ ତିଆରି କରିଦେଲା ଓ ନମାଜ ଏବଂ କୁରଆନ୍‌କୁ ଖୋଲାଖୋଲି ଭାବରେ ପାଠ କରିବା ଆରମ୍ଭ କରିଦେଲା । ଆମକୁ ଭୟ ଲାଗୁଛି ଯେ ସେ ଆମ ପିଲାମାନଙ୍କୁ ଓ ଆମ ପତ୍ନୀମାନଙ୍କୁ ପରୀକ୍ଷାରେ ପକାଇଦେବ । ତେଣୁ ତୁମେ ତାଙ୍କ ପାଖକୁ ଯାଇ ଏହା କୁହ ଯେ ସେ ଯଦି ଚାହୁଁଛି ତା'ହେଲେ ନିଜ ଘର ଭିତରେ ରହି ଉପାସନା କରୁ ଅନ୍ୟଥା ଯଦି ସେ ଖୋଲାଖୋଲି ଭାବରେ ଏପରି କରିବାକୁ ଜିଦି ଧରେ, ତା'ହେଲେ ତାକୁ କହିଦିଅ ଯେ ତୁମ ଅମାନ (ଅର୍ଥାତ ସୁରକ୍ଷା ଦେବାର ପ୍ରତିଶୃତି)କୁ ସେ ତୁମକୁ ଫେରାଇ ଦେଉ । କାରଣ ଆମକୁ ଏପରି ଖରାପ ଲାଗୁଛି ଯେ ଆମେ ତୁମର ଏହି ଦାୟିତ୍ୱକୁ ଭଙ୍ଗ କରିଦେବୁ । ପୁଣି ଆମେ ଅବୁ ବକର୍‌କୁ କେବେ ବି ଖୋଲା ଖୋଲି ଭାବରେ ଉପାସନା କରିବାକୁ ଦେବୁନାହିଁ । ହଜରତ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ ଇବ୍‌ନେ ଦଗ୍‌ନା ଅବୁ ବକର୍‌ଙ୍କ ନିକଟକୁ ଆସିଲା ଓ କହିଲା ଯେ କଣ ଆପଣଙ୍କୁ ସେହି ସବୁ ସର୍ତ ମନେ ଅଛି ଯାହା ଦ୍ୱାରା ମୁଁ ଆପଣଙ୍କ ଖାତିର୍ ଏହି ପ୍ରତିଶୃତି ଦେଇଥିଲି । ତେଣୁ ଆପଣ


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ସେହି ସର୍ତ୍ତ ମଧ୍ୟରେ ସୀମିତ ରୁହନ୍ତୁ ଅନ୍ୟଥା ମୋ ଦାୟିତ୍ୱକୁ ମତେ ଫେରାଇ ଦିଅନ୍ତୁ । କାରଣ ମୁଁ ଏହା ପସନ୍ଦ କରେନାହିଁ ଯେ ଆରବୀୟମାନେ ଏକଥା ଶୁଣନ୍ତୁ ଯେ ଯେଉଁ ଲୋକଙ୍କୁ ମୁଁ ଶରଣ ଦେଇଥିଲି, ତା ସହିତ ମୁଁ ପ୍ରତିଶୃତି ଭଙ୍ଗ କରିଛି । ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ ଇବ୍‌ନେ ଦଗ୍‌ନାକୁ କହିଲେ ମୁଁ ଆପଣଙ୍କ ଶରଣ ଆପଣଙ୍କୁ ଫେରସ୍ତ କରୁଅଛି ଓ ଅଲ୍ଲାଃଙ୍କ ଶରଣରେ ସନ୍ତୁଷ୍ଟ ଅଛି । ***(ସହି ବୁଖାରୀ, କିତାବୁଲ୍ କଫାଲାଃ.... ହଦିସ୍ ନଂ-୨୨୯୭) (ସହି ବୁଖାରୀ ମୁତରଜିମ୍, ଖଣ୍ଡ-୪, ପୃ-୨୭୬, ନିଜାରତ୍ ଇଶାଅତ୍ ରବ୍‌ୱା) (ଫର୍‌ହଙ୍ଗ ସିରତ୍, ପୃ-୫୭)***

ହଜରତ ଅବୁବକର ର:ଅ ନିଜ ଘର ଦୁଆରେ ମସଜିଦ୍ ନିର୍ମାଣ କରିଥିଲେ ସେଥି ସଂକ୍ରାନ୍ତରେ ସହି ବୁଖାରୀର ଶରାଃ ଉମ୍‌ଦତୁଲ୍ କାରୀରେ ଉଲ୍ଲେଖ ରହିଛି, ଯେ ଏହି ମସଜିଦ୍ ଆପଣଙ୍କ ଘରର କାନ୍ଥ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଏବଂ ଏହା ପ୍ରଥମ ମସଜିଦ୍ ଥିଲା ଯାହାକି ଇସଲାମର ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ମିତ ହୋଇଥିଲା । ***(ଉମ୍‌ଦୁତୁଲ୍ କାରୀ, ଖଣ୍ଡ-୧୨, ପୃ-୧୮୫..... ହଦିସ୍ ୨୨୯୭)***

ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରିଛନ୍ତି ଯେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ପରି ମଣିଷ ଯାହାଙ୍କ ଅନୁଗ୍ରହର ସମଗ୍ର ମକ୍କାବାସୀ କୃତଜ୍ଞ ଥିଲେ । ସେ ଯାହା କିଛି ରୋଜଗାର କରୁଥିଲେ ଗୁଲାମ୍ (କ୍ରୀତଦାସ)ମାନଙ୍କୁ ମୁକ୍ତ କରିବାରେ ଖର୍ଚ୍ଚ କରିଦେଉଥିଲେ । ସେ ଏକଦା ମକ୍କାକୁ ଛାଡ଼ି ଚାଲି ଯାଉଥବଲେ ଯେ ଜଣେ ରଇସ୍ (ସରଦାର୍) ତାଙ୍କୁ ରାସ୍ତାରେ ଭେଟିଲେ ଓ ପଚାରିଲେ ହେ ଅବୁ ବକର୍ ତୁମେ କେଉଁ ଆଡ଼େ ବାହାରିଛ ? ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ଏହି ସହରରେ ମୋ ପାଇଁ ଆଉ ଶାନ୍ତି ନାହିଁ । ମୁଁ ଏବେ ଅନ୍ୟ କେଉଁ ଆଡ଼େ ଚାଲିଯାଉଛି । ସେହି ରଇସ୍ ଜଣଙ୍କ କହିଲେ ଯେ ତୁମ ପରିକା ପୂଣ୍ୟ ସ୍ୱଭାବରେ ଲୋକ ଯଦି ଏହି ସହରରୁ ବାହାରିଯାଏ ତା'ହେଲେ ଏହି ସହର ବର୍‌ବାଦ୍ ହୋଇଯିବ । ମୁଁ ତୁମକୁ ଶରଣ ଦେଉଛି । ତୁମେ ସହର ଛାଡ଼ି ଯାଅନାହିଁ । ଅତଃ ହଜ୍‌ରତ୍ ଅବୁ ବକର୍ ର:ଅ ସେହି ରଇସ୍‌ଙ୍କ ଶରଣରେ ରହିଲେ । ହଜ୍‌ରତ୍ ଅବୁ ବକର୍ ର:ଅ ଯେତେବେଳେ ସକାଳେ ଉଠନ୍ତି ଏବଂ ପବିତ୍ର କୁର୍‌ଆନ୍ ପାଠ କରନ୍ତି, ସେତେବେଳେ ମହିଳାମାନେ ଏବଂ ପିଲାମାନେ କାନ୍ଥ ନିକଟରେ କାନ ଡେ଼ରିକି ପବିତ୍ର କୁର୍‌ଆନ୍ ଶୁଣନ୍ତି । କାରଣ ତାଙ୍କ ଆବାଜ୍ (ସ୍ୱର) ବହୁତ କୋମଳ, ହୃଦୟସ୍ପର୍ଶୀ ଓ ଦରଦପୂର୍ଣ୍ଣ ଥିଲା । ପବିତ୍ର କୁର୍‌ଆନ୍ ଯେହେତୁ ଆରବୀ ଭାଷାରେ ଥିଲା ତେଣୁ ପ୍ରତ୍ୟେକ ପୁରୁଷ ଓ ମହିଳା ଓ ପ୍ରତ୍ୟେକ ପିଲା ତାହାର ଅର୍ଥ ବୁଝୁଥିଲା । ଅତଃ ଶୁଣୁଥିବା ଲୋକମାନେ ବହୁତ ପ୍ରଭାବିତ ହୋଇଯାଉଥିଲେ । ଯେତେବେଳେ ଏହି କଥା ବ୍ୟାପିଗଲା, ସେତେବେଳେ ମକ୍କାରେ ଉତେଜନା ଦେଖାଦେଲା ଯେ ଏହିପରି ତ ଲୋକମାନେ ବିଧର୍ମୀ ହୋଇଯିବେ । ଅର୍ଥାତ ପବିତ୍ର କୁର୍‌ଆନ୍‌କୁ ଶୁଣି ଓ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ କୋମଳ ଓ କୋହଭରା ଆବାଜ୍ ଶୁଣି ଲୋକମାନେ ବିଧର୍ମୀ ହୋଇଯିବେ ।

ଏହିପରି ଘଟଣା ଆଜିକାଲି ଅହେମଦୀମାନଙ୍କ ସହିତ କିଛି ଦେଶରେ ଘଟୁଅଛି । ବିଶେଷ ରୂପେ ପାକିସ୍ତାନ୍‌ରେ । ଯଦି ଏମାନେ ପବିତ୍ର କୁର୍‌ଆନ୍ ପାଠ କରୁଛନ୍ତି ଓ ନମାଜ ପଢୁଛନ୍ତି ତା'ହେଲେ ସେମାନେ (ଅର୍ଥାତ ଅଣଅହେମଦୀ ପାକିସ୍ତାନୀମାନେ) ବିଧର୍ମୀ ହୋଇଯିବେ । ତେଣୁ ଅହେମଦୀମାନଙ୍କ ନମାଜ ପଢ଼ିବା ଓ କୁର୍‌ଆନ୍ ପାଠ କରିବାରେ ବହୁତ କଠିନ ଦଣ୍ଡ ବ୍ୟବସ୍ଥା ରଖିଛନ୍ତି ।

ସେ ଯାହା ହେଉ ନା କାହିଁକି । ସେ ଲେଖୁଛନ୍ତି ଯେ ପରିଶେଷରେ ଲୋକମାନେ ସେହି ରଇସ୍‌ଙ୍କ ନିକଟକୁ ଗଲେ ଓ ତାଙ୍କୁ କହିଲେ ଯେ ତୁମେ ଯାଙ୍କୁ (ଅର୍ତାତ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ) କାହିଁକି ଶରଣ ଦେଇଅଛ ? ସେହି ରଇସ୍ ଜଣକ ଆସି ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ କହିଲା ଯେ ଆପଣ ଏମିତି ଭାବରେ କୁର୍‌ଆନ୍ ପଢ଼ନାହିଁ । ମକ୍କାର ଲୋକମାନେ ଏଥିରେ ବହୁତ ନାରାଜ୍ ହେଉଛନ୍ତି । ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ:- ତା'ହେଲେ ପୁଣି ଆପଣ ନିଜର ଏହି ଶରଣକୁ ଫେରାଇ ଦିଅ । ମୁଁ ତ ଏହି କର୍ମରୁ ନିବୃତ ରହିପାରିବି ନାହିଁ । ଅତଃ ସେହି ରଇସ୍ ତା ଶରଣକୁ ଫେରାଇ ଦେଲା । ***(ଉଦ୍ଧୃତ ତଫ୍‌ସୀର୍, କବୀର୍, ଖଣ୍ଡ-୧୦, ପୃ-୩୨୭)***

ହଜରତ ଅବୁବକର ର:ଅ ଶୁଏବେ ଅବି ତାଲିବ୍‌ରେ ହଜୁର ସ:ଆ:ସଙ୍କ ସହିତ ଥିଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ କୁହନ୍ତି; ସେହି ଅତି ବିପତି ପୂର୍ଣ୍ଣ ଦିନମାନଙ୍କରେ ମଧ୍ୟ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ସଙ୍ଗତ ଛାଡ଼ି ନଥିଲେ । ମକ୍କାର କୁରୈଶ୍‌ମାନେ ଏକେଶ୍ୱରବାଦକୁ ରୋକିବା ପାଇଁ ଯଥା ସମ୍ଭବ ଚେଷ୍ଟା କଲେ କିନ୍ତୁ ଯେତେବେଳେ ସେମାନେ ଚାରିଆଡୁ ଅସଫଳ ହେଲେ, ସେତେବେଳେ ସେମାନେ ଗୋଟିଏ ବ୍ୟବହାରିକ ପଦକ୍ଷେପ ଉଠାଇ ବନୁ ହାଶିମ୍ ଏବଂ ବନୁ ମତ୍‌ଲିବ୍‌ଙ୍କ ସହିତ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତି ନେଲେ । ସୁତରାଂ ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ହଜରତ ମିର୍ଜା ବଶୀର୍ ଅହ୍‌ମଦ୍ ସାହେବ୍ ଏମିତି ଭାବରେ ଆପୋଷରେ ପରାମର୍ଶ କରି ଏ ନିଷ୍ପତି ନେଲେ ଯେ ଆଁ ହଜରତ ସ:ଆ:ସ ଏବଂ ବନୁ ହାଶିମ୍ ଓ ବନୁ ମତ୍‌ଲିବ୍‌ର ସମସ୍ତ ସଦସ୍ୟମାନଙ୍କ ସହିତ ସବୁ ପ୍ରକାରର ସମ୍ପର୍କକୁ ଛିନ୍ନ କରିଦିଆଯାଉ । ଯଦି ସେମାନେ ଆଁ ହଜରତ ସ:ଆ:ସଙ୍କ ସୁରକ୍ଷାକୁ ନ ଛାଡ଼ନ୍ତି (ଅର୍ଥାତ ମୁହମ୍ମଦ ସ:ଆ:ସଙ୍କ ସୁରକ୍ଷାରେ ଲାଗି ରହନ୍ତି) ତା'ହେଲେ ସେମାନଙ୍କୁ ଗୋଟିଏ ସ୍ଥାନରେ ଆବଦ୍ଧ କରି ଧ୍ୱଂସ କରିଦିଆଯାଉ । ଅତଏମ ମୋହରମ୍ ମାସ ୭ ନବଓ୍ୱିରେ ଗୋଟିଏ ଆନୁଷ୍ଠାନିକ ଚୁକ୍ତିପତ୍ର ଲେଖାଗଲା ଯେ କୌଣସି ବ୍ୟକ୍ତି ବନୁ ହାଶିମ୍ ଓ ବନୁ ମୁତ୍‌ଲିବ୍ ଖାନ୍‌ଦାନ୍ ସହିତ ସମ୍ପର୍କ ରଖିବେ ନାହିଁ କି ନା ତାଙ୍କୁ କୌଣସି ଜିନିଷ ବିକ୍ରି କରିବେ ନା ତାଙ୍କଠାରୁ କିଛି କିଣିବେ ନା ସେମାନଙ୍କ ନିକଟକୁ କୌଣସି ଖାଇବା ପିଇବା ଜିନିଷ ଯିବାକୁ ଦେବେ ଏବଂ ନା ସେମାନଙ୍କ ସହିତ କୌଣସି ସମ୍ପର୍କ ରଖିବେ" ଏହିପରି ବ୍ୟବହାର ଆଜିକାଲି ବି ଅହେମଦୀମାନଙ୍କ ସହିତ କିଛି ସ୍ଥାନରେ କରାଯାଉଅଛି । ସେ ଯାହା ହେଉ ସେ ଆଗକୁ ଲେଖୁଛନ୍ତି "ଯେ ପର୍ଯ୍ୟନ୍ତ ସେମାନେ (ଅର୍ଥାତ ବନୁ ହାଶିମ୍ ଓ ବନୁ ମତ୍‌ଲିବ୍‌ର ଲୋକମାନେ) ମୁହମ୍ମଦ (ସ:ଆ:ସ)ଙ୍କଠାରୁ ଅଲଗା ହୋଇ ତାଙ୍କୁ ସେମାନଙ୍କୁ (ଅର୍ଥାତ କୁରୈଶ୍‌ର ସର୍‌ଦାର୍‌ମାନଙ୍କୁ) ଅର୍ପଣ ନ କରିଛନ୍ତି । ଏହି ଚୁକ୍ତିନାମାରେ କୁରୈଶ୍‌ମାନଙ୍କ ସହିତ ବନୁ କିନାନା କବିଲା ମଧ୍ୟ ସାମିଲ ଥିଲା । ଅନୁଷ୍ଠାନିକ ଭାବରେ ଏହା ଲେଖାଗଲା ଓ ସମସ୍ତ ବଡ଼ ବଡ଼ ରଇସ୍‌ମାନଙ୍କର ଦସ୍ତଖତ ମଧ୍ୟ ସେଥିରେ କରାଗଲା । ପୁଣି ସେ ଚୁକ୍ତିନାମାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଚୁକ୍ତିପତ୍ର ଭାବରେ କାବାର କାନ୍ଥରେ ଲଟକାଇ ଦିଆଗଲା । ଅତଏବ ଆଁ ହଜରତ ସ:ଆ:ସ ଏବଂ ସମଗ୍ର ବନୁ ହାଶିମ୍ ଓ ବନୁ ମୁତଲ୍ଲିବ୍, ସେମାନେ ମୁସଲମାନ ହୁଅନ୍ତୁ ବା ଅମାନ୍ୟକାରୀ (କେବଳ ଆଁ ହଜରତ ସ:ଆ:ସଙ୍କ ଚାଚା ଅବୁ ଲହଦ୍‌ଙ୍କ ବ୍ୟତୀତ, ଯିଏ ନିଜର ବିଦ୍ୱେଷଭାବ ଯୋଗୁଁ ଶତୃତାର ଆବେଗରେ କୁରୈଶ୍‌ର ପକ୍ଷରେ ଥିଲେ) ଶୋଅବେ ଅବି ତାଲିବ୍ ରେ, ଯାହା ଗୋଟିଏ ପବିତ୍ର ମାସ ଆକାରରେ ଥିଲା, ତା ମଧ୍ୟରେ ଆବଦ୍ଧ ହୋଇଗଲେ । ଏହିପରି କୁରୈଶ୍‌ର ଦୁଇଟି ବଡ଼ ବଡ଼ କବିଲା ମକ୍କାର ସାଂସ୍କୃତିକ ଜୀବନରୁ ବ୍ୟବହାରିକ ରୂପେ ସମ୍ପୁର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଗଲେ ଏବଂ ଶୋଅବେ ଅବି ତାଲିବ୍‌ରେ ଯାହା ବନୁ ହାଶିମ୍‌ର ଖାନ୍‌ଦାନି ଉପତ୍ୟକା ଥିଲା, ସେଥିରେ କଏଦିଙ୍କ ପରି ବନ୍ଦି କରିଦିଆଗଲା । ସେ ସମୟରେ କିଛି ହାତ ଗଣତି ମୁସଲମାନ ଯେଉଁମାନେ ମକ୍କାରେ ସେତେବେଳେ ଉପସ୍ଥିତ ଥିଲେ, ସେମାନେ ମଧ୍ୟ ମହାଭାଗ ସ:ଆ:ସଙ୍କ ସହିତ ଥିଲେ ।" ***(ସିରତ୍ ଖାତ୍‌ମୁନ୍ ନବିୟିନ୍, ହଜରତ ମିର୍ଜା ବଶୀର୍ ଅହ୍‌ମଦ୍ ସାହେବ୍ ର:ଅ, ପୃ- ୧୬୬)***

ଏହିଭଳି କଠିନ ପରିସ୍ଥିତିରେ ମଧ୍ୟ ହଜ୍‌ରତ୍ ଅବୁ ବକର୍ ର:ଅ ରସୁଲେ୍ କରିମ୍ ସ:ଆ:ସଙ୍କ ସାଙ୍ଗ ଛାଡ଼ି ନଥିଲେ । ସୁତରାଂ ହଜରତ ଶାହ୍ ୱଲିଉଲ୍ଲାଃ ରହମହୁଲ୍ଲାହୁ ତାଲା କହିଛନ୍ତି । "ଯେତେବେଳେ କୁରୈଶ୍ ଆଁ ହଜରତ ସ:ଆ:ସଙ୍କୁ ଯନ୍ତ୍ରଣା ଦେବା ପାଇଁ ଏକମତ ହୋଇଗଲେ ଓ ସେମାନେ ଗୋଟିଏ ଡ଼କ୍ୟୁମେଂଟ (ଅର୍ଥାତ ଚୁକ୍ତିପତ୍ର) ଲେଖିଲେ, ସେତେବେଳେ ହଜରତ ସଦ୍ଦିକ୍ ର:ଅ ସେହି ସଙ୍କଟପୂର୍ଣ୍ଣ ସମୟରେ ମଧ୍ୟ ଆଁ ହଜରତ ସ:ଆ:ସଙ୍କ ସହିତ ଥିଲେ । ସୁତରାଂ ସେହି ଘଟଣା ସମ୍ବନ୍ଧରେ ଅବୁ ତାଲିବ୍ ନିମ୍ନ ଲିଖିତ ପଦ କହିଥିଲେ ଯେ:-

**ହୁମ୍ ରଜଉ ସହଲ ଇବ୍‌ନେ ବୈଜାଆ ରାଜିଅନ୍**
**ଫସୁର୍‌ରା ଅବୁ ବକ୍‌ରିନ୍ ବିହା ୱ ମୁହମ୍ମଦୁ**

ଅର୍ଥାତ:- ସେମାନେ ସହଲ୍ ବିନ୍ ବୈଜାଆକୁ ଖୁସି କରାଇ ଫେରାଇ ଦେଲେ, ସେତେବେଳେ ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଏବଂ ମୁହମ୍ମଦ ସ:ଆ:ସ ଖୁସି ହୋଇଗଲେ । ***(ଅଜାଲତୁଲ୍ ଅଖ୍‌ଫାଆ ଅଜ୍ ହଜରତ ଶାହ୍ ୱଲିଅଲ୍ଲାଃ ଉର୍ଦ୍ଦୁ ଅନୁବାଦ ଇଶ୍‌ତିୟାଙ୍କ ଅହ୍‌ମଦ୍ ଦେଓବନ୍ଦୀ, ଖଣ୍ଡ-୩, ପୃ-୩୯-୪୦........ ଆରାମ୍ ବାଗ୍ କରାଚି) (ସୟଦନା ସିଦ୍ଧିକ୍ ଅକ୍‌ବର୍ ର:ଅ କେ ଶବ୍ ଓ ରୋଜ୍, ପୃ-୩୦)***

ଅର୍ଥାତ ଯେବେ ମକ୍କାର କୁରୈଶ୍‌ମାନେ ଶେଷରେ ବାଇକାଟ୍‌ର ଏହି ଚୁକ୍ତିନାମାକୁ ଶେଷ କରିଦେଲେ, ସେତେବେଳେ ଅବୁ ତାଲିବ୍ ଯେଉଁ ଶେର୍ ଅର୍ଥାତ ପଦ (କବିତା) କହିଥିଲେ, ସେଥିରେ ଉପର ବର୍ଣ୍ଣିତ ପଦ ମଧ୍ୟ କହିଥିଲେ ଯେ ବାଇକାଟ୍ ଶେଷ ହେବା ଯୋଗୁଁ ଆଁ ହଜରତ ସ:ଆ:ସ ଓ ଅବୁ ବକର୍ ଦୁଇଜଣଯାକ ଖୁସି ହୋଇଗଲେ ।

**'ଗୁଲିବତିର୍ ରୁମ୍'** ଭବିଷ୍ୟବାଣୀ ଓ ସେଥିରେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କର ସର୍ତ୍ତ ଲଗାଇବା ବିଷୟରେ ମଧ୍ୟ ଚର୍ଚ୍ଚା ମିଳୁଛି । ଅଲ୍ଲାଃ ତାଲାଙ୍କର ଏ ନିର୍ଦ୍ଦେଶ **ଅଲିଫ୍ ଲାମ୍ ଗୁଲିବତିର୍ ରୁମୁ- ଫି ଅଦ୍‌ନଲ୍ ଅର୍‌ଜି** ସମ୍ବନ୍ଧରେ ହଜରତ ଇବ୍‌ନେ ଅବ୍‌ବାସ ର:ଅ କୁହନ୍ତି; ଯେତେବେଳେ ଗୁଲିବତିର୍ ରୋମ୍ ଫିଅଦ୍‌ନଲ୍ ଅରଜ୍ ପଂକ୍ତି ଅବତୀର୍ଣ୍ଣ ହେଲା । ସେତେବେଳେ ଅମାନ୍ୟକାରୀମାନେ ଏହି ଅଭିଳାଷ କଲେ ଯେ ଫରାସିମାନେ ରୋମୀମାନଙ୍କୁ ପରାଜିତ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତ୍ତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

କରିଦିଅନ୍ତୁ । କାରଣ ସେମାନେ ମଧ୍ୟ ପିତୁଳା ପୂଜକ ଥିଲେ । ଯେବେ କି ମୁସଲମାନମାନେ ଏ ଚିନ୍ତା କରୁଥିଲେ, ଯେ ରୋମୀମାନେ ଫରାସିମାନଙ୍କୁ ପରାଜିତ କରିଦିଅନ୍ତୁ । କାରଣ ରୋମୀମାନେ ଗ୍ରନ୍ଥଧାରୀ ଥିଲେ । ସେ ଏ ସଂକ୍ରାନ୍ତରେ ଅବୁ ବକର ର:ଅଙ୍କୁ କହିଲେ ପୁଣି ହଜରତ ଅବୁ ବକର ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏକଥା କହିଲେ । ଏଥିରେ ହଜୁର ସ:ଆ:ସ କହିଲେ ଯେ ସେମାନେ ନିଶ୍ଚିତ ରୂପେ ବିଜୟୀ ହେବେ । ଅର୍ଥାତ ହଜୁର ସ:ଆ:ସ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର ସେହି ଆୟତକୁ ବର୍ଣ୍ଣନା କରି କହିଲେ ଯେ ରୋମୀମାନେ ନିଶ୍ଚୟ ବିଜୟ ମଣ୍ଡିତ ହେବେ ସୁତରାଂ ହଜ୍‌ରତ୍ ଅବୁ ବକର୍ ର:ଅ ଏହି ଖବର ସମ୍ବନ୍ଧରେ ବିରୋଧି ଓ ଅମାନ୍ୟକାରୀମାନଙ୍କୁ ବତାଇଲେ । ଏଥିରେ ସେମାନେ ଏ ପ୍ରସ୍ତାବ ରଖିଲେ ଯେ ଆମ ଓ ତୁମମାନଙ୍କ ମଧ୍ୟରେ ଗୋଟିଏ ସମୟ ସୀମା ଧାର୍ଯ୍ୟ କରାଯାଉ । ଯଦି ଆମେମାନେ ବିଜୟୀ ହେବୁ ତା'ହେଲେ ଆମ ପାଇଁ ଏମିତି ଓ ଏମିତି ହେବ ଏବଂ ଯଦି ତୁମେମାନେ ବିଜୟୀ ହେଲ ତା'ହେଲେ ତୁମମାନଙ୍କ ପାଇଁ ଏମିତି ଓ ସେମିତି ହେବ । ଅର୍ଥାତ ଏହିପରି ସର୍ତ୍ତ ରଖାଗଲା । ଅତଏବ ଏହି ଆଧାରରେ ହଜରତ ଅବୁବକର ର:ଅ ଅମାନ୍ୟକାରୀଙ୍କ ସହିତ ନିର୍ଦ୍ୱନ୍ଦରେ ସର୍ତ୍ତ ଲଗାଇ ଦେଲେ । ଅତଏବ ସେମାନେ ପାଂଚବର୍ଷର ଅବଧି ସମୟସୀମା ଧାର୍ଯ୍ୟ କଲେ ଓ ବିଜୟୀ ହୋଇପାରିଲେ ନାହିଁ । ସେମାନେ ତାହାର ଚର୍ଚ୍ଚା ନବୀ କରିମ୍ ସ:ଆ:ସଙ୍କ ସହିତ କଲେ । ଏଥିରେ ଆପଣ ସ:ଆ:ସ କହିଲେ ଯେ ତୁମେମାନେ ଆ ଠାରୁ ଅଧିକା ସମୟର (ସର୍ତ୍ତ) କାହିଁକି ରଖିଲ ନାହିଁ ? ରାଓ୍ୱି କହୁଛନ୍ତି ଯେ ମୋ ମତରେ ମହାଭାଗ ସ:ଆ:ସଙ୍କ କହିବାର ଉଦ୍ଦେଶ୍ୟ ଦଶ ଦିନ ଥିଲା । ଏହା ତିର୍‌ମିଜିର ତଫ୍‌ସୀର୍ ଅଧ୍ୟାୟରେ ବର୍ଣ୍ଣିତ ରହିଛି । ***(ସୁନନେ ତିର୍‌ମିଜି ଅବ୍‌ଓ୍ୱାବୁଲ୍ ତଫ୍‌ସୀର..... ହଦିସ୍ ୩୧୯୩)***

ସହି ବୁଖାରୀରେ ହଜୁର ସ:ଆ:ସଙ୍କର ଚାରି ଗୋଟି ଏପରି ଭବିଷ୍ୟତ ବାଣୀ ଦରଜ ରହିଛି ଯାହାକି ବେଶ୍ ଭବ୍ୟତାର ସହିତ ପୂରଣ ହେଲା । ସେହି ଭବିଷ୍ୟତ ବାଣୀରେ ରୋମୀମାନେ ବିଜୟୀ ହେବାର ସୁସମାଚାର ରହିଥିଲା । ବସ୍ତୁତଃ ମସରୁକ୍ ବର୍ଣ୍ଣନା କରନ୍ତି; ଆମେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସଉଦ୍ ର:ଅଙ୍କ ନିକଟରେ ଥିଲୁ । ସେ କହିଲେ; ନବୀ ସ:ଆ:ସ ଯେତେବେଳେ ଦେଖିଲେ, ଯେ ଲୋକମାନେ ପଶ୍ଚାତପଦ ଦେଉଛନ୍ତି ସେତେବେଳେ ଆପଣ ସ:ଆ:ସ କହିଲେ; ହେ ଅଲ୍ଲାଃ ! ଯେପରି ହଜରତ ୟୁସୁଫ୍‌ଙ୍କ ସମୟରେ ଲୋକମାନଙ୍କୁ ସାତ ବର୍ଷ ପର୍ଯ୍ୟନ୍ତ ଦୁର୍ଭିକ୍ଷର ବିଭୀଷିକାରେ ଗ୍ରସିତ କରିଥିଲେ ସେହିପରି ଏମାନଙ୍କ ଉପରେ ମଧ୍ୟ (ହେ ପ୍ରଭୁ !) ନିଜର ଶାସ୍ତି ଅବତୀର୍ଣ୍ଣ କର । ଅତଏବ ସେମାନେ ମଧ୍ୟ ସେହିପରି ଦୁର୍ଭିକ୍ଷର ଶିକାର ହେଲେ ଓ ତାହା ପ୍ରତ୍ୟେକ ଜିନିଷକୁ ନଷ୍ଟ କରିଦେଲା, ଏପରିକି ଶେଷରେ ସେମାନେ ଚମଡ଼ା, ମୃତ ଜୀବ ଓ ଦୁର୍ଗନ୍ଧ ପୂର୍ଣ୍ଣ ଶବ ଖାଇବାକୁ ପଛେଇଲେ ନାହିଁ । ସେମାନେ ଯେତେବେଳେ ଭୀଷଣ କ୍ଷୁଧାରେ ଆକାଶ ମାର୍ଗକୁ ଚାହୁଁ ଥିଲେ ସେତେବେଳେ ସେମାନଙ୍କୁ ଧୂଆଁ ଦୃଶ୍ୟମାନ ହେଉଥିଲା ଯେଉଁ ଚାରିଟି ଭବିଷ୍ୟବାଣୀ ସମ୍ବନ୍ଧରେ ଉଲ୍ଲେଖ ରହିଛି, ସେଥି ମଧ୍ୟରେ ଏହି ଘଟଣା ମଧ୍ୟ ରହିଛି ଯେ ଅବୁ ସୁଫିୟାନ୍ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଆସିଲେ ଓ କହିଲେ ଯେ ମୁହମ୍ମଦ୍ (ସ:ଆ:ସ) ! ଆପଣ ତ ଅଲ୍ଲାଃଙ୍କ ଆଜ୍ଞାବହତା ସ୍ୱୀକାର କରିବା ପାଇଁ ଏବଂ ଜ୍ଞାତି କୁଟୁମ୍ବଙ୍କ ସହିତ ପୂଣ୍ୟ ବ୍ୟବହାର କରିବାପାଇଁ ଆଦେଶ ଦେଉଛନ୍ତି । ଏବେ ଦେଖନ୍ତୁ ଆପଣଙ୍କ ଜାତି ଧ୍ୱଂସ ହେବାକୁ ଯାଉଛି । ଅଲ୍ଲାଃଙ୍କ ନିକଟରେ ଏମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ଅତଃ ଅଲ୍ଲାଃତାଲା କହିଥିଲେ; ତୁମେମାନେ ଅପେକ୍ଷା କର ସେହି ଦିନର ଯେତେବେଳେ ଆକାଶ (ସ୍ୱଷ୍ଟ) ଧୂଆଁରେ ପରିପୂର୍ଣ୍ଣ ହୋଇଯିବ । ନିଶ୍ଚିତ ରୂପେ ତୁମେମାନେ ଏହାର ପୁନରାବୃତି କରିବ ଯେଉଁ ଦିନ ସମସ୍ତ ପ୍ରକାର ହିସାବ ନିଆଯିବ । ସୁତରାଂ ସେହି ବୃହତ ଧରପକଡ଼ ବଦର ଯୁଦ୍ଧ ଦିନ ହୋଇଥିଲା । ଅତଏବ ଭୀଷଣ ଧୂଆଁର ଶାସ୍ତି ଓ ଆୟତାଧୀନ କୋପରେ କବଳିତ ହେବା, ଉପର ଉଲ୍ଲେଖ ଭବିଷ୍ୟତ ବାଣୀ ତଥା ରୋମର ଭବିଷ୍ୟତ ବାଣୀ ସବୁକିଛି ପୂରଣ ଏହା ବୁଖାରୀର ରିଓ୍ୱାୟତ୍ ଅଟେ । ***(ସହି ବୁଖାରୀ କିତାବୁଲ୍ ଇସ୍‌ତସ୍‌କାଆ ବାବ୍ ଦୁଆଇନ୍ ନବୀ ସ:ଆ:ସ..... ହଦିସ୍ ୧୦୦୭)***

ଏହି ହଦିସ୍‌ର ଶରହ୍ (ଅର୍ଥାତ ବ୍ୟାଖ୍ୟା)ରେ

୧୬. ଯେତେବେଳେ ଫରାସୀ ଓ ରୋମୀମାନଙ୍କ ମଧ୍ୟରେ ଯୁଦ୍ଧ ଅନୁଷ୍ଠିତ ହେଲା, ସେତେବେଳେ ମୁସଲମାନମାନେ ଫରାସୀମାନଙ୍କ ଉପରେ ରୋମୀମାନଙ୍କର ବିଜୟ କାମନା କଲେ କାରଣ ରୋମୀମାନେ ଅହ୍‌ଲେ କିତାବ୍ (ଅର୍ଥାତ ଗ୍ରନ୍ଥଧାରୀ ଧର୍ମର ଲୋକ) ଥିଲେ । ଯେବେକି ଏହା ବିପରୀତ କୁରୈଶ୍‌ର କୁଫ୍‌ଫାର୍ (ଅର୍ଥାତ ଅଣ ମୁସ୍‌ଲିମ୍)ମାନେ ଫରାସୀମାନଙ୍କ ବିଜୟ କାମନା କରୁଥିଲେ । କାରଣ ଫରାସୀ ଲୋକମାନେ ମଜୁସି (ଅର୍ଥାତ ଅଗ୍ନି ପୂଜକ) ଥିଲେ ଓ କୁରୈଶ୍‌ର କୁଫ୍‌ଫାର୍‌ମାନେ ପିତୁଳା ପୂଜକ ଥିଲେ । ଅତଏବ ଅଲ୍ଲାମା ବଦ୍‌ରୁଦ୍ଦିନ୍ ଐନୀ ଲେଖିଛନ୍ତି; ୧୬ ହଜରତ ଅବୁବକର ର:ଅ ଓ ଅବୁ ଜହଲ୍ ମଧ୍ୟରେ ଏହି ପ୍ରସଙ୍ଗରେ କିଛି ବର୍ଷ ଅବଧିର ସର୍ତ୍ତ ଲାଗିଥିଲା ଅର୍ଥାତ ସେମାନେ କୌଣସି ଏକ ଜିନିଷକୁ ଆଧାର ରଖି ଆପୋଷରେ କିଛି ବର୍ଷର ଅବଧିକୁ ସର୍ତରେ ରଖିଥିଲେ । ଏଥିରେ ହଜୁର ସ:ଆ:ସ କହିଲେ; ସେହି ସ୍ଥଳେ ବିଜ୍‌ଉନ୍ ଶବ୍ଦ ବ୍ୟବହାର ହୋଇଥାଏ, ଏବଂ ଏହି ବିଜ୍‌ଉନ୍ ଶବ୍ଦଟି ୯ ଅବା ୭ ବର୍ଷ ପାଇଁ ବ୍ୟବହାର ହୋଇଥାଏ । ତେଣୁ ସମୟସୀମାକୁ ବଢ଼ାଇ ଦିଅ । ଏଥିରେ ହଜରତ ଅବୁବକର ର:ଅ ସମୟ ଅବଧି ବଢାଇ ଦେଇଥିଲେ । ପରିଶେଷରେ ରୋମୀ ବିଜୟୀ ହୋଇଥିଲେ ଅଲ୍ଲାଃ ତାଲା ଏହା ବର୍ଣ୍ଣନା କରିଥିଲେ:- **ଅଲିଫ୍ ଲାମ୍ ମିମ୍ ଗୁଲିବତିର୍ ରୁମୁ ଫି ଅଦ୍‌ନଲ୍ ଅର୍‌ଜି ଓ୍ୱ ହୁମ୍ ମିମ୍ ବାଦି ଗଲବିହିମ୍ ସୟଗ୍‌ଲିବୁନ୍ । ଫି ବିଜ୍‌ଇ ସିନିନ୍ । ଲିଲ୍ଲାହିଲ୍ ଅମ୍‌ରୁ ମିନ୍ କବ୍‌ଲୁ ଓ୍ୱ ମିମ୍ ବାଦୁ ଓ୍ୱ ୟୋମଇଜିନ୍ ୟଫ୍‌ରହୁଲ୍ ମୁମିନୁନା ବିନ୍‌ସରିଲ୍ଲାହି ଅର୍‌ରୋମ୍:୨-୬)**

ଏହାର ଅନୁବାଦ୍ ହେଉଛି ଏପରି ଅଲିଫ୍ ଲାମ୍ ମିମ୍ ଅର୍ଥାତ **ଅନଲ୍ଲାହୁ ଆଲମୁ** ଅର୍ଥାତ ମୁଁ ହେଉଛି ସର୍ବଜ୍ଞ ଅଲ୍ଲାଃ । ରୋମ୍ ବାସୀମାନେ ପରାଜିତ ହୋଇଛନ୍ତି, ନିକଟବର୍ତୀ ଅଂଚଳରେ ଏବଂ ସେମାନେ ପରାଜିତ ହେବା ପରେ ପୂନର୍ବାର ଜୟଲାଭ କରିବେ, କିଛି ବର୍ଷ ମଧ୍ୟରେ, ଏହା ପୂର୍ବରୁ ଓ ଏହା ପରେ ମଧ୍ୟ ଅଲ୍ଲାଃଙ୍କର ସାର୍ବଭୌମ ଅଧିକାର ରହିବ; ଏବଂ ସେଦିନ ବିଶ୍ୱାସକାରୀମାନେ ଅତ୍ୟନ୍ତ ଆନନ୍ଦିତ ହେବେ । ଅଲ୍ଲାଃଙ୍କର ସହାୟତା ଲାଭ କରି; ଅଲ୍ଲାଃ ଯାହାଙ୍କୁ ପସନ୍ଦ କରନ୍ତି ତାହାକୁ ସାହାଯ୍ୟ କରନ୍ତି । ଶାବି କୁହନ୍ତି ଯେ ସେ ସମୟରେ ସର୍ତ ଲଗାଇବା ହଲାଲ୍ ଅର୍ଥାତ ବୈଧ ଥିଲା । ***(ଉମ୍‌ଦତୁଲ୍ କାରୀ, ଶରହ୍ ସହି ବୁଖାରୀ, ଖଣ୍ଡ-୭, ପୃ-୪୬, କିତାବୁଲ୍ ଇସ୍‌ତିସ୍‌କାଆ, ହଦିସ୍ ୧୦୦୭, ଦାରୁଲ୍ ଅହ୍‌ୟା.... ୨୦୦୩)***

ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଏ ସମ୍ବନ୍ଧରେ ଲେଖିଛନ୍ତି ଯେ ଇସ୍‌ଲାମ୍ ପୂର୍ବରୁ ତଥା ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ ସେ ସମୟର ସମଗ୍ର ସାଂସ୍କୃତିକ ଦୁନିଆରେ ସମସ୍ତଙ୍କଠାରୁ ଅଧିକ ଶକ୍ତିଶାଳୀ ଓ ସମସ୍ତଙ୍କଠାରୁ ଅଧିକ ବିଶାଳ ସାମ୍ରାଜ୍ୟ ଦୁଇଗୋଟି ଥିଲେ । ଫରାସୀ ସାମ୍ରାଜ୍ୟ ଓ ରୋମୀ ସାମ୍ରାଜ୍ୟ ଏହି ଦୁଇଟି ସାମ୍ରାଜ୍ୟ ଆରବର ଉତର ପୂର୍ବରେ ଅବସ୍ଥିତ ଓ ରୋମୀ ସାମ୍ରାଜ୍ୟ ଆରବର ଉତର ପଶ୍ଚିମରେ ଅବସ୍ଥିତ ଥିଲା । ଯେହେତୁ ଉକ୍ତ ସାମ୍ରାଜ୍ୟ ଦ୍ୱୟର ସୀମା ଆପୋଷରେ ମିଶୁଥିଲା ତେଣୁ ବେଳେବେଳେ ଉଭୟ ଆପୋଷରେ ଲଢୁଥିଲେ । ସେ ସମୟରେ ମଧ୍ୟ ଏହି ଦୁଇଟି ସାମ୍ରାଜ୍ୟ ମଧ୍ୟରେ ଯୁଦ୍ଧ ଚାଲିଥିଲା । ଏହା ସେହି ସମୟର କଥା ଯେବେ ଭବିଷ୍ୟବାଣୀ କରାଯାଇଥିଲା ଓ ଫରାସୀ ସାମ୍ରାଜ୍ୟ ରୋମ୍ ସାମ୍ରାଜ୍ୟକୁ ଦାବି ରଖିଥିଲା ଓ ତା'ର ଅନେକ ମୂଲ୍ୟବାନ ଇଲାକାକୁ ଛଡ଼ାଇ ନେଇଥିଲା ଏବଂ ଲଗାତାର ତାକୁ ଦବାଇ ଚାଲିଥିଲା । କୁରୈଶ୍‌ର ଅଧିବାସୀମାନେ ପିତୁଳା ପୂଜକ ଥିଲେ ଏବଂ ଫରାସୀର ଅଧିବାସୀମାନେ ମଧ୍ୟ ଏହି ପିତୁଳା ପୂଜା କରୁଥିଲେ । ଅର୍ଥାତ ଅନେକେଶ୍ୱରବାଦୀ ଥିଲେ । ତେଣୁ ମକ୍କାର କୁରୈଶ୍‌ମାନେ ଫରାସୀ ସାମ୍ରାଜ୍ୟର ଏପରି ବିଜୟରେ ବହୁତ ଖୁସି ଥିଲେ । କିନ୍ତୁ ମୁସଲମାନମାନଙ୍କର ରୋମୀ ସାମ୍ରାଜ୍ୟ ସହିତ ସହାନୁଭୂତି ଥିଲା କାରଣ ରୋମୀ ସାମ୍ରାଜ୍ୟର ଅଧିବାସୀ ଖ୍ରୀଷ୍ଟିଆନ୍ ଥିଲେ ଏବଂ ଖ୍ରୀଷ୍ଟିଆନ୍‌ମାନେ ଅହ୍‌ଲେ କିତାବ ଅର୍ଥାତ ଗ୍ରନ୍ଥଧାରୀ ଧର୍ମୀ ଥିଲେ ଓ ହଜରତ ମସିହ୍ ନାସ୍‌ରୀ ଆ:ସଙ୍କ ସହିତ ସମ୍ବନ୍ଧିତ ଥିଲେ । ତେଣୁ ରୋମୀମାନେ ଫରାସୀମାନଙ୍କ ତୁଳନାରେ ମୁସଲମାନମାନଙ୍କର ଅଧିକ ନିକଟବର୍ତୀ ଥିଲେ । ଏହିଭଳି ପରିସ୍ଥିତିରେ ଆଁ ହଜରତ ସ:ଆ:ସ ଅଲ୍ଲାଃଙ୍କଠାରୁ ଖବର ପାଇ ଭବିଷ୍ୟବାଣୀ କରିଥିଲେ ଯେ ଏବେ ଫରାସୀମାନେ ରୋମୀମାନଙ୍କୁ ପରାସ୍ତ କରୁଛନ୍ତି କିନ୍ତୁ କିଛି ଦିନ ମଧ୍ୟରେ ରୋମୀମାନେ ଫରାସୀମାନଙ୍କ ଉପରେ ବିଜୟପ୍ରାପ୍ତ କରିବେ ଓ ସେତେବେଳେ ମୋମିନ୍ ଖୁସି ହୋଇଯିବେ । ଏହି ଭବିଷ୍ୟତବାଣୀକୁ ଶୁଣି ମୁସଲମାନମାନେ ବହୁତ ଖୁସି ହୋଇଗଲେ । ବିଶେଷତଃ ହଜ୍‌ରତ୍ ଅବୁ ବକର୍ ର:ଅ ମକ୍କାର ସର୍ବସାଧାରଣରେ ଏ ଘୋଷଣା କରିଚାଲିଲେ ଯେ ଆମ ଅଲ୍ଲାଃ ଏକଥା ବତାଇ ଦେଇଛନ୍ତି ଯେ ନିକଟ ଭବିଷ୍ୟତରେ ରୋମୀମାନେ ଫରାସୀମାନଙ୍କର ଉପରେ ବିଜୟ ଲାଭ କରିବେ । କୁରୈଶବାସୀ ଏହାର ଉତରରେ କହିଲେ ଯେ ଯଦି ଏହି ଭବିଷ୍ୟତବାଣୀ ସତ ତା'ହେଲେ ଆସ ଏଥିରେ ସର୍ତ ଲଗାଅ । ଯେହେତୁ ସେ ସମୟରେ ଇସ୍‌ଲାମ୍‌ରେ ସର୍ତ ଲଗାଇବା ମନା ନଥିଲା । ତେଣୁ ହଜ୍‌ରତ୍ ଅବୁ ବକର୍ ର:ଅ ସେହି ସର୍ତକୁ ଗ୍ରହଣ କରିନେଲେ । ଅତଏବ କୁରୈଶ୍‌ର ସର୍‌ଦାର୍ ଓ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ମଧ୍ୟରେ କିଛି ଓଟ ର ହାର୍‌ଜିତ୍‌ରେ ସର୍ତ ରଖାଗଲା ଓ ଛଅ ବର୍ଷର ଅବଧି ଧାର୍ଯ୍ୟ କରାଗଲା କିନ୍ତୁ ଆଁ ହଜରତ ସ:ଆ:ସଙ୍କୁ ଯେବେ ଏହି ବିଷୟରେ ଏତେଲା ମିଳିଲା, ମହାଭାଗ ସ:ଆ:ସ କହିଲେ: ଛଅ ବର୍ଷର ଅବଧି ଧାର୍ଯ୍ୟ କରିବା ଭୂଲ । ଅଲ୍ଲାଃ ତାଲା ଏହି ଅବଧି ପାଇଁ **ବିଜ୍‌ଇ ସିନିନ୍** ବାକ୍ୟ କହିଛନ୍ତି ଯାହା ଆରବୀ ଭାଷାର ପ୍ରଚଳନ ଅନୁସାରେ ତିନି ବର୍ଷରୁ ନେଇ ନଅ ବର୍ଷ ପର୍ଯ୍ୟନ୍ତ ବ୍ୟବହାର ହୋଇଥାଏ । । ହଜରତ ମିର୍ଜା ବଶିର ଅହେମଦ ର:ଅ କୁହନ୍ତି; ଏହା ସେହି ସମୟର ଘଟଣା ଯେତେବେଳେ ହଜୁର ସ:ଆ:ସ ମକ୍କାରେ ଥିଲେ ଅର୍ଥାତ ଆପଣ ସ:ଆ:ସ ପ୍ରବାସ କରି ନଥିଲେ । ସେଥିଅନ୍ତେ ଧାର୍ଯ୍ୟ ସମୟ ମଧ୍ୟରେ ଯୁଦ୍ଧର ପର୍ଯ୍ୟାୟକ୍ରମ ହଠାତ୍ ବଦଳି ଗଲା ଏବଂ ରୋମୀ ଫରାସୀମାନଙ୍କୁ ସ୍ୱଳ୍ପ ଅବଧି ମଧ୍ୟରେ ପରାସ୍ତ କରି ନିଜ ଅଂଚଳ ପୁନଃ ହାସଲ କରିନେଲେ । ଏହି ଘଟଣା ହିଜ୍‌ରତ୍ କରିବାର ପରର୍ବତୀ ଘଟଣା ଥିଲା । ***(ସିରତ୍ ଖାତ୍‌ମୁନ୍ ନବିୟିନ୍ ସ:ଆ, ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ ପୃ-୨୧୬-୨୧୭)***

ଏ ସମ୍ବନ୍ଧରେ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ "ମହାଭାଗ ସ:ଆ:ସ ଏବେ ମକ୍କାରେ ହିଁ ଥିଲେ ଯେ ଆରବରେ ଏ ଖବର ବ୍ୟାପିଗଲା

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 27 Jan, 03 Feb 2022 Issue No. 4-5

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଯେ ଇରାନୀମାନେ ରୋମୀମାନଙ୍କୁ ପରାସ୍ତ କରି ଦେଇଛନ୍ତି । ଏକଥା ଶୁଣି ମକ୍କାର (ଅମାନ୍ୟକାରୀ) ଅଧିବାସୀମାନେ ବହୁତ ଖୁସି ହୋଇଗଲେ ଯେ ଆମେମାନେ ମଧ୍ୟ ଅନେକେଶ୍ୱରବାଦୀ ମୁଶ୍‌ରିକ୍ ଅଟୁ ଓ ଇରାନୀମାନେ ମଧ୍ୟ ମୁଶ୍‌ରିକ୍ ଅଟନ୍ତି । ଇରାନୀମାନଙ୍କ ଦ୍ୱାରା ରୋମୀମାନଙ୍କୁ ପରାସ୍ତ କରାଯିବାକୁ ସେମାନେ ଏକ ଶୁଭ ଖବର ଭାବରେ ବିବେଚନା କରିବାକୁ ଲାଗିଲେ ଓ ଏହାର ଅର୍ଥ ସେମାନେ ଏହା ବାହାର କଲେ ଯେ ମକ୍କାର ଅଧିବାସୀମାନେ ମଧ୍ୟ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ବିଜୟ ପ୍ରାପ୍ତ କରିବେ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃଙ୍କୁ ଖୁଦାତାଲା ବତାଇ ଦେଲେ ଯେ **ଗୁଲିବତିର୍ ରୁମୁ ଫି ଅଦ୍‌ନଲ୍ ଅର୍‌ଜି ୱ ହୁମ୍ ମିମ୍ ବାଦି ଗଲବିହିମ୍ ସୟଗ୍‌ଲିବୁନ ଫି ବିଜ୍‌ଇ ସିନିନ୍ ।** ରୋମୀ ସାମ୍ରାଜ୍ୟକୁ ସିରିୟା ଇଲାକାରେ ଅବଶ୍ୟ ପରାଜୟ ମିଳିଛି କିନ୍ତୁ ଏହି ପରାଜୟକୁ ତୁମେମାନେ ସବୁ ଦିନ ପାଇଁ ନିଶ୍ଚିତ ମଣନାହିଁ । ଅତଃ ପରାଜୟ ବରଣ କରିବା ପରେ ମଧ୍ୟ ପୁଣି ରୋମୀମାନେ ନଅ ବର୍ଷ ଭିତରେ ବିଜୟ ପ୍ରାପ୍ତ କରିନେବ । ଏହି ଭବିଷ୍ୟବାଣୀ ପ୍ରକାଶ ହେବା ପରେ ମକ୍କାର ଅଧିବାସୀମାନେ ବହୁତ ହସିଲେ ଏପରି ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ସହିତ କେତେକ କୁଫ୍‌ଫାର୍ (ଅମାନ୍ୟକାରୀ) ଶହେ ଶହେ ଓଟ ସର୍ତ୍ତ/ବାଜି ଲଗାଇଲେ ଯେ ଯଦି ଏପରି ପରାଜୟ ବରଣ କରିବା ସତ୍ତ୍ୱେ ମଧ୍ୟ ରୋମୀମାନେ ବିଜୟୀ ହେବେ ତା'ହେଲେ ଆମେ ତୁମକୁ ଶହେ ଓଟ ଦେବୁ ଓ ଯଦି ଏପରି ନ ହୁଏ ତା'ହେଲେ ତୁମେ ଆମକୁ ଶହେ ଓଟ ଦେବ । ବ୍ୟବହାରିକ ରୂପେ ଏହି ଭବିଷ୍ୟବାଣୀ ଟି ପୂରଣ ହେବା ଦୁରୁହ ଜଣାପଡୁଥିଲା ଓ ସିରିୟାରେ ପରାଜୟ ବରଣ କରିବା ପରେ ରୋମୀମାନେ ଆହୁରି ଅନେକ ପରାଜୟ ବରଣ କରି ପଛଘୁଂଚା ଦେଇ ଚାଲିଥିଲା ଏପରି କି ଇରାନୀ ସେନା ମାର୍‌ମୁରା ସମୁଦ୍ର (Marmara Sea)....ର କୂଳ ପର୍ଯ୍ୟନ୍ତ ପହଂଚିଯାଇ ଥିଲେ । କୁସ୍‌ତୁନ୍‌ତୁନିୟା ନିଜର ଏଶିୟା ସାମ୍ରାଜ୍ୟଠାରୁ ସମ୍ପୂର୍ଣ୍ଣ ରୂପେ ବିଛିନ୍ନ ହୋଇଯାଇଥିଲା ଓ ପରିଣାମ ସ୍ୱରୂପ ରୋମ୍ ପରିକା ଏକ ବିଶାଳ ସାମ୍ରାଜ୍ୟ ଗୋଟିଏ ରାଜ୍ୟ ଭାବରେ ରହିଗଲା । କିନ୍ତୁ ଅଲ୍ଲାଃଙ୍କ ବାଣୀ ପୂରଣ ହେବାର ଥିଲ ତେଣୁ ତାହା ପୂରଣ ହିଁ ହେଲା । ଅତ୍ୟନ୍ତ ନିରାଶ ହୋଇ ରୋମ୍‌ର ସମ୍ରାଟ୍ ନିଜ ସିପାହୀମାନଙ୍କ ସହିତ ଶେଷ ଆକ୍ରମଣ ନିମନ୍ତେ କୁସ୍‌ତୁନ୍‌ତୁନିୟାରୁ ଅଭିଯାନ ଆରମ୍ଭ କଲା ଏବଂ ଏଶୀୟ ତଟରେ ବାହାରି ଇରାନୀମାନଙ୍କ ସହିତ ଏକ ନିଷ୍ପତିମୂଳକ ଯୁଦ୍ଧ କରିଦେଲା । ରୋମୀ ସିପାହୀମାନଙ୍କ ନିକଟରେ ଅଳ୍ପ ସଂଖ୍ୟକ ସେନା ଓ ବହୁତ କମ୍ ଯୁଦ୍ଧ କରିଦେଲା । ରୋମୀ ସିପାହୀମାନଙ୍କ ନିକଟରେ ଅଳ୍ପ ସଂଖ୍ୟକ ସେନା ଓ ବହୁତ କମ୍ ଯୁଦ୍ଧ ସାମଗ୍ରୀ ଥିବା ସତ୍ତ୍ୱେ ମଧ୍ୟ ପବିତ୍ର କୁର୍‌ଆନ୍‌ର ଭବିଷ୍ୟବାଣୀ ମୁତାବକ ରୋମୀମାନେ ଇରାନୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ । ଇରାନୀ ସେନା ଏପରି ଛତ୍ରଭଙ୍ଗ ଦେଲେ ଯେ ଇରାନୀ ସୀମା ବାହାରେ ତା'ର ପାଦ କେଉଁଠାରେ ବି ଥାପି ରହିଲା ନାହିଁ । ପୁଣି ପୂର୍ନବାର ରୋମୀ ସାମ୍ରାଜ୍ୟରୁ ଚାଲି ଯାଇଥିବା ଆଫ୍ରୀକୀୟ ଓ ଏଶୀୟାୟୀ ଇଲାକାଗୁଡ଼ିକ ରୋମୀମାନଙ୍କ ଅଧିନକୁ ଚାଲି ଆସିଲା ।" ***(ଦିବାଚା ତଫ୍‌ସୀରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୪୫)*** ହଜରତ ମୁସଲେହ ମଉଦ ର:ଅ କୁହନ୍ତି; ହଜରତ ଅବୁବକର ର:ଅଙ୍କ ସହିତ କେତେକ ଅମାନ୍ୟକାରୀ ଏଥିସଂକ୍ରାନ୍ତରେ ଶହେ ଶହେ ଓଟର ମଧ୍ୟ ସର୍ତ ରଖି ଥିଲେ । ଯଦିଚ ଏହି ଭବିଷ୍ୟତ ବାଣୀ ପୂରଣ ହେବାର କୌଣସି ସମ୍ଭାବନା ଦୃଶ୍ୟମାନ ହେଉ ନଥିଲା କିନ୍ତୁ ନିର୍ଣ୍ଣାୟକ ଯୁଦ୍ଧରେ, ରୋମୀ ସିପାହି ସଂଖ୍ୟା ଓ ଯୁଦ୍ଧ ସାମଗ୍ରୀ କମ୍ ଥିବା ସତ୍ତ୍ୱେ ପବିତ୍ର କୁରଆନର ଭବିଷ୍ୟତ ବାଣୀ ଅନୁଯାୟୀ ଇରାନୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ ।

ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି: "ଯେବେ ଅବୁବକର୍ ସିଦ୍ଦିକ୍ ର:ଅ ଅବୁ ଜହଲ୍ ସହିତ ସର୍ତ ଲଗାଇଲେ ଏବଂ ପବିତ୍ର କୁର୍‌ଆନ୍ ର ସେହି ଭବିଷ୍ୟବାଣୀକୁ ସର୍ତର ଆଧାର ରଖିଲେ ଯେ **ଅଲିଫ୍ ଲାମ୍ ମିମ୍ ଗୁଲିବତିର୍ ରୁମୁ ଫି ଅଦ୍‌ନଲ୍ ଅର୍‌ଜି ୱ ହୁମ୍ ମିମ୍ ବାଦି ଗଲବିହିମ୍ ସୟଗ୍‌ଲିବୁନ୍ ଫି ବିଜ୍‌ଇ ସିନିନ୍ (ରୋମ୍:୨-୫)** ଯେତେବେଳେ ସେ ତିନିବର୍ଷର ଅବଧି ଧାର୍ଯ୍ୟ କଲେ ସେତେବେଳେ ମହାଭାଗ ସ:ଆ:ସ ଭବିଷ୍ୟବାଣୀର ପରିସ୍ଥିତିକୁ ଦେଖି ତତ୍‌କ୍ଷଣାତ୍ ଦୂରଦୃଷ୍ଟିପୂର୍ଣ୍ଣ କାର୍ଯ୍ୟ କଲେ ଓ ସର୍ତକୁ କିଛି ମାତ୍ରାରେ ସଂଶୋଧନ ନିମନ୍ତେ ଅବୁ ବକର୍ ସିଦ୍ଦିକ୍ ଙ୍କୁ ଆଦେଶ ଦେଲେ ଯେ **ବିଜ୍‌ଇ ସିନିନ୍** ବାକ୍ୟଟିକୁ ସଂକ୍ଷିପ୍ତରେ କୁହାଯାଇଅଛି ଓ ଅଧିକାଂଶ ସମୟ ଏହା ନଅ ବର୍ଷ ପର୍ଯ୍ୟନ୍ତ ବ୍ୟବହାର ହୋଇଥାଏ ।" ***(ଅଜାଲା ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୩୧୦-୩୧୧)***

ପୁଣି ନବୀ କରିମ୍ ସ:ଆ:ସ କବିଲାମାନଙ୍କ ସମ୍ମୁଖରେ ନିଜକୁ ନିଜେ ଉପସ୍ଥାପନ କରିବା ଅର୍ଥାତ ନିଜର ଦାବିକୁ ପେଶ୍ କରିବା ତଥା ହଜରତ ଅବୁ ବକର୍ ର:ଅଙ୍କର ମହାଭାଗଙ୍କ ସହିତ ସାମିଲ ହେବା ବିଷୟ ରହିଛି ।

ଯେତେବେଳେ ଅଲ୍ଲାଃତାଲା ହଜୁର ସ:ଆ:ସଙ୍କୁ ସମଗ୍ର ଆରବ ଗୋଷ୍ଠୀକୁ ପ୍ରଚାର କରିବାକୁ ଆଦେଶ ଦେଲେ ସେତେବେଳେ ଆପଣ ସ:ଆ:ସ ହଜ ସମୟରେ ହଜରତ ଅବୁବକର ର:ଅଙ୍କୁ ଓ ହଜରତ ଅଲୀ ର:ଅଙ୍କୁ ସାଥିରେ ନେଇ ଅଓ୍ୱସ ଓ ଖଜରଜ୍ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ସାମୁହିକ ବୈଠକରେ ଉପସ୍ଥିତ ହେଲେ ଏବଂ ତାଙ୍କ ନିକଟରେ ଇସଲାମର ସୁନ୍ଦର ଶିକ୍ଷା ପହଂଚାଇଲେ ଅତଏବ ଗୋଟିଏ ରିୱାୟତ୍‌ରେ ହଜରତ ଅଲୀ ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ଅଲ୍ଲାଃ ତାଲା ନବୀ ସ:ଆ:ସଙ୍କୁ ଏ ନିର୍ଦ୍ଦେଶ ଦେଲେ ଯେ ସେ ନିଜକୁ ଆରବର କବିଲାମାନଙ୍କର ସମ୍ମୁଖରେ ଉପସ୍ଥାପନ କରନ୍ତୁ । ସେତେବେଳେ ମୁଁ ଓ ହଜରତ ଅବୁ ବକର୍ ର:ଅ ଆଁ ହଜରତ ସ:ଆ:ସଙ୍କ ସାଥିରେ ମିନା ଆଡ଼କୁ ବାହାରି ପଡ଼ିଲୁ ଏପରି କି ଆମେ ଆରବୀୟମାନଙ୍କର ଗୋଟିଏ ମଜ୍‌ଲିସ୍ (ସଭା)ରେ ଯାଇ ପହଂଚିଲୁ । ହଜ୍‌ରତ୍ ଅବୁ ବକର୍ ର:ଅ ଆଗକୁ ବଢ଼ିଲେ ଏବଂ ସେ ହସବ୍ ନସବ୍ (ଅର୍ଥାତ ବଂଶାନୁକ୍ରମିକ) ଜ୍ଞାନରେ ପ୍ରବୀଣ ଥିଲେ । ତେଣୁ କବିଲାର ଲୋକମାନଙ୍କୁ ପଚାରିଲେ ଆପଣମାନେ କେଉଁ କୋମ୍‌ର ଲୋକ ? ସେମାନେ କହିଲେ ଆମେ ରବିୟା କବିଲାର କେଉଁ ଶାଖାର ? ସେମାନେ କହିଲେ ଜୁହଲ୍ ଶାଖା । ପୁଣି ହଜରତ ଅଲୀ ର:ଅ କହୁଛନ୍ତି ଯେ ଆମେ ପୁଣି ଅଓସ୍ ଓ ଖଜ୍‌ରଜ୍ କବିଲାର ମଜ୍‌ଲିସ୍‌କୁ ଗଲୁ ଏବଂ ଏମାନେ ହିଁ ସେହି ଲୋକ ଥିଲେ ଯେଉଁମାନଙ୍କୁ ରସୁଲୁଲ୍ଲାଃ ସ:ଆ:ସ "ଅନ୍‌ସାର୍" ଆଖ୍ୟା ଦେଇଥିଲେ । କାରଣ ସେମାନେ ଆପଣ ସ:ଆ:ସଙ୍କୁ ଶରଣ ଦେଇ ସାହାଯ୍ୟ କରିଥିଲେ । ହଜରତ ଅଲୀ ର:ଅ କହିଛନ୍ତି ଯେ ଆମେ ସେ ପର୍ଯ୍ୟନ୍ତ ସେଠାରୁ ଉଠିଲୁ ନାହିଁ ଯେପର୍ଯ୍ୟନ୍ତ ସେମାନେ ନବୀ କରିମ୍ ସ:ଆ:ସଙ୍କର ବୟତ ନ କରିଥିଲେ । ***(ଶରହ୍ ଜର୍‌କାନୀ, ଖଣ୍ଡ-୨, ପୃ-୭୨-୭୪...... ବେରୁତ ୧୯୯୬)***

ଆଉ ଏକ ରିୱାୟତ୍‌ରେ ଆସୁଛି ଯେ ହଜରତ ଅଲୀ ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ଅଲ୍ଲାଃ ତାଲା ନିଜ ନବୀଙ୍କୁ ଏ ଆଦେଶ ଦେଲେ ଯେ ସେ ନିଜକୁ ଆରବର କବିଲାମାନଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତୁ, ସେତେବେଳେ ମହାଭାଗ ସ:ଆ:ସ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ବାହାରି ପଡ଼ିଲେ । ମୁଁ ଓ ହଜ୍‌ରତ୍ ଅବୁ ବକର୍ ର:ଅ ଆପଣ ସ:ଆ:ସଙ୍କ ସାଥିରେ ଥିଲୁ । ଆମେ ଏପରି ଗୋଟିଏ ମଜ୍‌ଲିସ୍‌ରେ ପହଂଚିଲୁ ଯେଉଁଠି ଶାନ୍ତି ଓ ସ୍ଥିରତା ଥିଲା । ସେମାନେ ସମୃଦ୍ଧ ଏବଂ ଉତ୍ସାହୀ ଥିଲେ । ହଜ୍‌ରତ୍ ଅବୁ ବକର୍ ର:ଅ ସେମାନଙ୍କୁ ପଚାରିଲେ, ତୁମେ କେଉଁ କବିଲାର ? ସେମାନେ କହିଲେ ଆମେ ବନୁ ଶୈବାନ୍ ବିନ୍ ସାଲବା କବିଲାର ଅଟୁ । ହଜ୍‌ରତ୍ ଅବୁ ବକର୍ ର:ଅ ରସୁଲେ୍ କରିମ୍ ସ:ଆ:ସଙ୍କ ଆଡ଼କୁ ଚାହିଁ କହିଲେ: ମୋ ମାଆ ବାପା ଆପଣଙ୍କ ଉପରେ ଉର୍ତ୍ସଗୀ ହୁଅନ୍ତୁ ଏହି ଲୋକମାନଙ୍କର କୌମ୍ (ଜାତି)ଠାରୁ ବଳି ସମ୍ମାନୀୟ ଜାତି ଆଉ ନାହିଁ । ସେହି ଲୋକମାନଙ୍କ ମଧ୍ୟରେ ମଫ୍‌ରୁକ୍ ବିନ୍ ଅମ୍‌ରୋ, ମୁସନ୍ନା ବିନ୍ ହାର୍‌ସା, ହାନି ବିନ୍ କବିସା ଏବଂ ନୁମାନ୍ ବିନ୍ ସାମିଲ ଥିଲେ । ରସୁଲେ୍ କରିମ୍ ସ:ଆ:ସ ସେମାନଙ୍କ ସମ୍ମୁଖରେ ଏହି ଆୟତ ପାଠ କଲେ:- **କୁଲ୍ ତାଆଲୁ ଅତ୍‌ଲୁ ମା ହର୍‌ରମା ରବ୍‌ବୁକୁମ୍ ଆଲୈକୁମ୍ ଅଲ୍ଲା ତୁଶ୍‌ରିକୁ ବିହି ଶୈଇଅଓଁ ୱବିଲ୍ ୱାଲି ଦୈନେ ଏହ୍‌ସାନା........................... କାଲିକୁମ୍ ୱସ୍‌ସାକୁମ୍ ବିହି ଲାଅଲ୍ଲକୁମ୍ ତାକିଲୁନ୍ (ଅଲ୍‌ଅନ୍‌ଆମ୍:୧୫୨)** ଏହାର ଅର୍ଥ ହେଉଛି ଏପରି:- ତୁମେ (ସେମାନଙ୍କୁ) କୁହ, "ଆସ ତୁମମାନଙ୍କର ପାଳନକର୍ତା ତୁମମାନଙ୍କ ସକାଶେ ଯାହା ଅବୈଧ କରିଛନ୍ତି ତାହା ଆମ୍ଭେ ତୁମମାନଙ୍କୁ ପାଠ କରି ଶୁଣାଇବୁ; "(ତାହାଙ୍କ ଆଦେଶ ଅଟେ) ଯେ ତୁମେମାନେ ତାହାଙ୍କ ସହିତ କୌଣସି ବସ୍ତୁକୁ ସମକକ୍ଷ କରନାହିଁ ଓ ପିତା ମାତାଙ୍କ ପ୍ରତି ସଦ୍‌ବ୍ୟବହାର କର ଏବଂ ଦରିଦ୍ର ହୋଇଯିବ । ଭୟରେ ନିଜର ସନ୍ତାନମାନଙ୍କୁ ହତ୍ୟା କରନାହିଁ । ଆମ୍ଭେ ତୁମମାନଙ୍କୁ ତଥା ସେମାନଙ୍କୁ ମଧ୍ୟ ଜୀବିକା ପ୍ରଦାନ କରୁ ଏବଂ କୌଣସି ପ୍ରକାଶ୍ୟ ବା ଗୁପ୍ତ କୁକାର୍ଯ୍ୟର ନିକଟବର୍ତୀ ହୁଅନାହିଁ ଏବଂ ଅଲ୍ଲାଃ ଯେଉଁ ଜୀବ ହତ୍ୟାକୁ ନିଷିଦ୍ଧ କରିଛନ୍ତି (ଆଇନ କିମ୍ବା

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan